

ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ରାସ୍ତା ଉପରେ ଅସଦାଚରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମ ବସ୍ତି ଅଞ୍ଚଳର ଗଗନ ପାତ୍ର(୨୬)। ଝରଣାସାହି ବସ୍ତି ଅଞ୍ଚଳର ଜଣେ ଯୁବତୀ ମଙ୍ଗଳବାର ଅପରାହ୍ନରେ ଘରକୁ ଫେରୁଥିବା ବେଳେ ଗଗନ ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

### ଅସୀମ ବସୁଙ୍କ ଜନ୍ମୋତ୍ସବ ପାଳିତ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଅସୀମ ବସୁଙ୍କ ଜନ୍ମୋତ୍ସବ ବୁଧବାର ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ 'ସ୍ୱରବର୍ଣ୍ଣ' ତରଫରୁ କବିତା ଆସର ଆୟୋଜିତ ହୋଇଥିଲା। ଅତିଥିଭାବେ କବି ରାଜେନ୍ଦ୍ର କିଶୋର ପଣ୍ଡା, କବି ହରପ୍ରସାଦ ଦାସ, ସଂସ୍କୃତି ଗବେଷକ ଅସିତ ମହାନ୍ତି, ନାଟ୍ୟକାର ନୀଳାଦ୍ରି ଭୂଷଣ ହରିଚନ୍ଦନ ଯୋଗଦେଇ କଳାଜଗତ ପ୍ରତି ଅସୀମଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ କପିଳାସ ଭୂୟାଁ ଅସୀମଙ୍କ କର୍ମମୟ ଜୀବନର ନିବନ୍ଧ ପାଠ କରିଥିଲେ। ଛାତ୍ରୀ ଆକାଂକ୍ଷା ଦାସ 'ବୈଷ୍ଣବ ଜନ ତୋ' ଗାନ କରିଥିଲେ। ଡ. ଅଜୟ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

### ଡ୍ରେନ୍‌ରେ ପଡ଼ି ନାବାଳକ ମୃତ

**ପୁରୀ ଅଫିସ,୨୪।୧୦:** ଡ୍ରେନରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ସଦର ଥାନା ସମଙ୍ଗରାର ଗଣେଶ ନାୟକ(୭)। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ସମଙ୍ଗରା ଛକ ଓ ପୁରୀ-କୋଣାର୍କ ଜାତୀୟ ରାଜପଥର ବାଲିଘାଟ ଛକରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିସହିତ ଭୂଦାନ ଛକକୁ ମଧ୍ୟ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ଉପଜିଲାପାଳ ଭବତାରଣ ସାହୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିବା ସହ ଡ୍ରେନ ମରାମତି ଓ ସ୍ଲାବ ପକାଇବା ଲାଗି ଜିଲାପାଳଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

### ୨୬ରେ 'ଶତାବ୍ଦୀର ସମାରୋହ'

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ଶିରିଡ଼ି ସାଇବାବାଙ୍କ ମହାସମାଧିର ଶତବାର୍ଷିକୀ ପାଳନ ଅବସରରେ ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନ ଆନୁକୂଲ୍ୟରେ ଆସନ୍ତା ୨୬ତାରିଖରେ ଓଡ଼ିଶାରେ 'ଶତାବ୍ଦୀର ସମାରୋହ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଟକ-ବାଙ୍କୀ ରାସ୍ତା ରାମଦାସପୁରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ଆବାସିକ ସ୍କୁଲ ପରିସରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିବେ। ସନ୍ଧ୍ୟାରେ ଭୁବନେଶ୍ୱରର ଏକ ହୋଟେଲରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ଗାୟକ କ୍ରିଷ୍ଣା ବେଉରା ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗଦେଇ ସାଇଭଜନ ପରିବେଷଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

■ ଦୟାନଦୀ ପ୍ରଦୂଷିତ

# କମୁଛି କଇଁଛ ସଂଖ୍ୟା

**ପୁରୁଣା ଭୁବନେଶ୍ୱର, ୨୪।୧୦( ଡି.ଏନ.ଏ.)**



ନଦୀ ଭିତରେ ଥିବା ପଥର ଉପରେ କଇଁଛ ଗୁଡ଼ିକ ଖରା ଖାଉଛନ୍ତି।

ସମ୍ପ୍ରତି ରାଜଧାନୀର ବିଭିନ୍ନ ନାଳ ନର୍ଦ୍ଦମା ଜଳ ଦୟାନଦୀରେ ମିଶି ଜଳ ପ୍ରଦୂଷିତ ହେବାରେ ଲାଗିଛି। ଫଳରେ ପ୍ରାକୃତିକ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ଅନ୍ୟପକ୍ଷେ ନଦୀ ଜଳରେ ବସବାସ କରୁଥିବା ଜଳଚର ପ୍ରାଣୀମାନଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ନଂ. ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଲିଙ୍ଗିପୁର ନିକଟ ଦୟାବ୍ରିଜ୍‌ଠାରୁ ବାଳକାଟୀ ପର୍ଯ୍ୟନ୍ତ ନଦୀ ଅବବାହିକାରେ ଏହି ସମୟରେ ହଜାର ହଜାର ସଂଖ୍ୟାର କଇଁଛଙ୍କୁ ଦେଖିବାକୁ ମିଳିଥାଏ। ଏବେ ଏମାନଙ୍କର ସଂଖ୍ୟା ଆଶାତୀତ କମିବାରେ ଲାଗିଛି। ଯାହାକୁ ନେଇ କେବଳ ପରିବେଶବିତ୍ ନୁହଁନ୍ତି ପ୍ରାଣୀ ବିଭାଗ ଚିନ୍ତାରେ ପଡ଼ିଛି। ବ୍ରିଜ୍ ତଳେ ଏବେ ବହୁ ସଂଖ୍ୟାରେ କଇଁଛ ରହୁଛନ୍ତି। ନଦୀପାଣିରୁ କଇଁଛ ସବୁ ଉଠି ପାଣି ମଧ୍ୟରେ ଥିବା ପଥର ଉପରକୁ ଆସି ଖରାରେ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଲୋକଙ୍କ ସଚେତନତା ଅଭାବରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଉଦାହରଣ ସ୍ୱରୂପ ବ୍ରିଜ୍ ଉପରେ ଥାଇ ଆଜିର ଲୋକେ ବ୍ରିଜ୍ ତଳକୁ ବାରଣ ସତ୍ତ୍ୱେ ନଦୀଜଳକୁ ପୂଜା ସାମଗ୍ରୀମାନ ପକାଉଛନ୍ତି। ଯାହାକୁ ନେଇ କଇଁଚମାନେ ଭୟଭୀତ ହୋଇପଡୁଛନ୍ତି। ଏଭଳି ବିରଳ ପ୍ରାକୃତିକ ସୋଭାରାଜିକୁ ବିଭାଗୀୟ କର୍ତ୍ତୃପକ୍ଷ ଫେରାଇ ଆଣିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ବାସିନ୍ଦା ପୁଷ୍ପପଦାର ରାଜକିଶୋର ବେହେରା କୁହନ୍ତି, ଏହି ଜାତିର କଇଁଛମାନେ ବିଶେଷ ଭାବେ ଏହିଦିନ ନଦୀପଠାଗୁଡ଼ିକରେ ଥିବା ଉଚ୍ଚା ଜାଗାଗୁଡ଼ିକରେ ଅଣ୍ଡା ଦେଇଥାନ୍ତି। ମାତ୍ର ଜଳସ୍ତର କମିବା ଏବଂ ଜନବସତି ବହୁ ପରିମାଣରେ ଗଢି ଉଠିବା ଯୋଗୁ ଏମାନଙ୍କର ସଂଖ୍ୟା କମିବାରେ ଲାଗିଛି। ନଖାଉରପାଟଣାର ଦିଗମ୍ବର ଭୋଇ କୁହନ୍ତି, ବ୍ରିଜ୍‌ତଳଠାରୁ ଉଭୟ ଦିଗରେ ୨ ପୁରୁଷରୁ ଊର୍ଦ୍ଧ୍ୱ ଗଭୀରର ନିର୍ମଳ ପାଣି ଆମ ପିଲାବେଳେ ଏଠାରେ ରହୁଥିବା ଦେଖିଥିଲୁ। ମାତ୍ର ଏବେ ୪୦ ବର୍ଷ ପରେ ସମ୍ପୂର୍ଣ୍ଣ ଓଲଟା। ନଦୀଜଳ ଦୂଷିତ ଏବଂ ଜଳସ୍ତର ହ୍ରାସ ପାଇବା ଯୋଗୁ ପୂର୍ବଭଳି ଏହି ଜାତିର କଇଁଛଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ସିଟି ଫରେଷ୍ଟ ବିଭାଗର ଡିଏଫଓ ଅଶୋକ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ଏମାନେ ପଙ୍କୁଆ କଇଁଛ ଜାତିର। କଇଁଛଗୁଡିକ ମୁଖ୍ୟତଃ ଖାଦ୍ୟ ଭାବେ ପଙ୍କରୁ ବିଭିନ୍ନ ପୋକ ଯୋକ ସଂଗ୍ରହ କରି ଖାଇଥାନ୍ତି। ସମ୍ପ୍ରତି ନଦୀଜଳରେ ଏଭଳି ପ୍ରାକୃତିକ ଅନୁକୂଳ ପରିବେଶ ନ ମିଳିବାରୁ ଏହି କଇଁଚଙ୍କ ସଂଖ୍ୟା ହ୍ରାସ ପାଇବା ସ୍ୱାଭାବିକ ହୋଇପଡ଼ିଛି।



କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ଭୁବନେଶ୍ୱର ସତ୍ୟନଗର ଠାରେ କୁମାରୀମାନେ ଚାନ୍ଦ ପୂଜା କରୁଛନ୍ତି।

## କ୍ରେଡିଟ୍ କାର୍ଡ ନବୀକରଣ ଆଳରେ ତଥ୍ୟ ମାଗି ଆକାଉଣ୍ଟରୁ ୧୨ ହଜାର ଲୁଟିନେଲେ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

କ୍ରେଡିଟ୍ କାର୍ଡ ନବୀକରଣ କରିବା ଆଳରେ ତଥ୍ୟ ମାଗି ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୨ ହଜାର ଟଙ୍କା ଲୁଟ୍ କରାଯାଇଛି। ଏହାର ଶିକାର ହୋଇଛନ୍ତି ମଞ୍ଚେଶ୍ୱର ଥାନା ଅଧୀନ ସପ୍ତଶତୀ ନଗରରେ ରହୁଥିବା ଶିବାନୀ ଦାସ। ସେ ବୁଧବାର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଶିବାନୀଙ୍କ ଅଭିଯୋଗ ମୁତାବକ, ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଜଣେ ଯୁବତୀ ତାଙ୍କୁ ୮୭୪୩୯୭୪୦୭୯/୯୫୧୧୦୦୮୯୯୬ ନମ୍ବରରୁ କଲ୍ କରି ଦିଲ୍ଲୀସ୍ଥିତ ଏଚ୍‌ଡିଏଫ୍‌ସି ମେନ୍ ବ୍ରାଞ୍ଚର ଜଣେ ଅଧିକାରୀ କହୁଥିବା ପରିଚୟ ଦେଇଥିଲେ। ତାଙ୍କ ଏଚଡିଏଫସି କ୍ରେଡିଟ୍ କାର୍ଡର ବୈଧତା ସରିବାକୁ ଯାଉଛି। ଏହାକୁ ନବୀକରଣ କରିବା ଲାଗି ଯୁବତୀ ଜଣକ ଶିବାନୀଙ୍କୁ କିଛି ତଥ୍ୟ ମାଗିଥିଲେ। ଶିବାନୀ ତାଙ୍କୁ ବିଶ୍ୱାସ କରି କିଛି ତଥ୍ୟ ଦେଇଥିଲେ। ନୂଆ କ୍ରେଡିଟ କାର୍ଡ ୧୦ ଦିନ ଭିତରେ ଘରେ ପହଞ୍ଚିଯିବ ବୋଲି ଯୁବତୀ ଜଣକ ଜଣାଇଥିଲେ। ପରେ ଶିବାନୀଙ୍କ ଫୋନକୁ ଯାଇଥିବା ଏକ ଓଟିପି ନମ୍ବର ପଚାରି ବୁଝିନେଇଥିଲେ। ଫୋନ କଟିବାର ୨ମିନିଟ ପରେ ଶିବାନୀଙ୍କ ଆକାଉଣ୍ଟରୁ ୧୨ ହଜାର ଟଙ୍କା କଟିଯାଇଥିବା ନେଇ ମେସେଜ ଆସିଥିଲା। ଶିବାନୀଙ୍କ ମନରେ ସନ୍ଦେହ ହେବାରୁ ସେ ତୁରନ୍ତ ଏଚ୍‌ଡିଏଫସି ବ୍ୟାଙ୍କକୁ ଜଣାଇ ଆକାଉଣ୍ଟକୁ ବ୍ଲକ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଯୁବତୀଙ୍କୁ ଫୋନ କରିବାରୁ ସେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ଶିବାନୀଙ୍କ ମୋବାଇଲ୍ ନମ୍ବରକୁ ମଧ୍ୟ ବ୍ଲକ କରି ଦେଇଥିଲେ। ଶିବାନୀ ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ନମ୍ବରକୁ ଟ୍ରେସ କରିବା ବଦଳରେ ଅଭିଯୋଗପତ୍ର ଲେଖି ଦିଅନ୍ତୁ, ସାଇବାର ଥାନାକୁ ପଠାଇବା, ଦେଖିବା ଦେଇଦେଇଯାଅନ୍ତୁ ଭଳି ମନ୍ତବ୍ୟ ଦେଇଥିବା ଶିବାନୀ କହିଛନ୍ତି।

## ଗୀତାରାଣୀ ମହାନ୍ତିଙ୍କୁ କୁମାରଶ୍ରୀ ସମ୍ମାନ



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିମାନେ।

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

କୁମାର ପୂର୍ଣ୍ଣମୀ ଅବସରରେ 'ୟୁଥ୍' ଏବଂ 'କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ' ତରଫରୁ ବୁଧବାର ସୂଚନା ଭବନଠାରେ କୁମାର ଉତ୍ସବ-୨୦୧୮ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇଥିବା ବେଳେ ଏମ୍‌ପି ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ପରମ୍ପରା, କୁମାରପୂର୍ଣ୍ଣମୀ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମାଜିକକର୍ମୀ ଏବଂ ଶିଶୁ ରୋଗ ବିଶେଷଜ୍ଞ ଡା. ଗୀତାରାଣୀ ମହାନ୍ତିଙ୍କୁ କୁମାର ଶ୍ରୀ ସମ୍ମାନ-୨୦୧୮ରେ ସମ୍ମାନିତ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ଶ୍ରେଷ୍ଠ ଅଭିନେତା ପ୍ରଦୀପ ସାହୁ ଏବଂ ଅଭିନେତ୍ରୀ ସୁଲଗ୍ନା ନାୟକ, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସୁସାହିତ୍ୟିକ ମୌସୁମୀ ଦାସ, ଉଦୀୟମାନ କ୍ରିକେଟ ତାରକା ରାଜେଶ ମହାନ୍ତି ଏବଂ ସାମାଜିକକର୍ମୀ ମନସ୍ୱିନୀ ପରିଡ଼ା, ଓଡ଼ିଶୀ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରାଙ୍କୁ 'ୟୁଥ ପ୍ରତିଭା ସମ୍ମାନ-୨୦୧୮'ରେ ସମ୍ମାନିତ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ତଥା 'ୟୁଥ'ର ଉପଦେଷ୍ଟା ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ 'ୟୁଥ'ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରେଲୱେ ଇଞ୍ଜିନିୟରଙ୍କ ମୃତ୍ୟୁରେ ଶୋକସଭା

**ଭୁବନେଶ୍ୱର,୨୪-୧୦**

ପୂର୍ବତଟ ରେଳପଥ ଇଞ୍ଜିନିୟର ସଂଘର ସକ୍ରିୟ ସଭ୍ୟ ଇଂ ଜୟଦେବ ସାହୁଙ୍କର ଶୁକ୍ରବାର ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ତାଙ୍କର ପତ୍ନୀ ଏବଂ ଦୁଇ ପୁଅ ଅଛନ୍ତି। ସେ ୧୯୯୭ରେ ରେଲୱେରେ ଯୋଗ ଦେଇଥିଲେ। ସ୍ୱର୍ଗତ ସାହୁ ପରୋପକାରୀ ଏବଂ ନିଷ୍ଠାପର ବ୍ୟକ୍ତି ଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁରେ ସଂଘ ପକ୍ଷରୁ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ରେଳ ସଦନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଇଞ୍ଜିନିୟରଙ୍କ ସହ ବହୁ କର୍ମଚାରୀ ଯୋଗ ଦେଇ ଆତ୍ମାର ସଦଗତି କାମନା କରିଥିଲେ।

## ବିଜିୟୁ ପକ୍ଷରୁ ସ୍ପୋର୍ଟସ ଫେଷ୍ଟ

**ଭୁବନେଶ୍ୱର,୨୪-୧୦**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ପକ୍ଷରୁ ସ୍ପୋର୍ଟସ୍ ଫେଷ୍ଟ ଆଟୋସ ଏହାର ଗୋଠପାଟଣା ସ୍ଥିତ କ୍ୟାମ୍ପସରେ ନଭେମ୍ବର ୪ ଏବଂ ୫ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଫୁଟବଲ, ବାସ୍କେଟବଲ୍, କ୍ରିକେଟ ଏବଂ ଚେସ୍ ଭଳି ବିଭିନ୍ନ କ୍ରିଡା ଅନୁଷ୍ଠିତ ହେବ। ଗତ ବର୍ଷ ଏହି କ୍ରିଡାରେ ବିଭିନ୍ନ ପ୍ରତିଷ୍ଠାନରୁ ପ୍ରାୟ ୪୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଓଡିଶା ବାହାରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଲାଗି ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି।

■ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳିତ

## ଯବାନଙ୍କ ଗହଣରେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**



ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ ଅବସରରେ ବୁଧବାର ଭାରତୀୟ ସଶସ୍ତ୍ର ବାହିନୀର ସମ୍ମାନ ଉଦ୍ଦେଶ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ସିବିଏସ୍‌ଇ ଅନୁବନ୍ଧିତ ଭିନ୍ନ ଭିନ୍ନ ୨୦ଟି ସ୍କୁଲର ଛାତ୍ରୀଛାତ୍ର ହାତ ତିଆରି ଗ୍ରିଟିଙ୍ଗ୍‌ସ ଓ ଚିଠି ମାଧ୍ୟମରେ ସେମାନଙ୍କର ସମର୍ଥନ ଜଣାଇଛନ୍ତି। ସିବିଏସ୍‌ଇ ଭୁବନେଶ୍ୱର ରିଜିଅନରେ ଅନ୍ୟ ରାଜ୍ୟରୁ ଆସିଥିବା ଏହିସବୁ ହାତ ତିଆରି ଗ୍ରିଟିଙ୍ଗ୍‌ସ ଓ ଚିଠିଗୁଡ଼ିକ ଏକତ୍ରିତ କରାଯାଇ ବୁଧବାର ଇନ୍‌ଫାନ୍‌ଟ୍ରି ବାଟାଲିୟନ୍‌ର ଯବାନ୍ ଓ ଅଫିସରମାନଙ୍କୁ ପ୍ରଦାନ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ମଦର ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ପ୍ରତିନିଧିତ୍ୱ କରି ଏହି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ସେଠାରେ ସେମାନେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ବ୍ୟବହାର କରୁଥିବା ବିଭିନ୍ନ ଉପକରଣ ଦେଖିବା ସହିତ ଯବାନମାନଙ୍କର ଜୀବନ ଶୈଳୀ ବିଷୟରେ ମଧ୍ୟ ଜାଣିବାର ସୁଯୋଗ ପାଇଥିଲେ। ସେଠାରେ ବିଭିନ୍ନ ଅଧିକାରୀମାନେ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସଶସ୍ତ୍ର ବଳ ବିଷୟରେ ବିସ୍ତୃତ ବିବରଣୀ ଦେବା ସହିତ ଏଥିରେ କ୍ୟାରିୟର କରିବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ। ଭୁବନେଶ୍ୱର ରିଜିଅନ୍‌ର ଆର୍‌ଓ ଥୋଙ୍ଗ ଖୋଲେଟ୍ ମେଟ୍ ଭାରତୀୟ ସଶସ୍ତ୍ର ବଳର ଅମୂଲ୍ୟ ଯୋଗଦାନ ଏବଂ ସେମାନଙ୍କର କଠିନ ପରିଶ୍ରମ ପାଇଁ ବାଟାଲିୟନକୁ ଧନ୍ୟବାଦ ଜଣାଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଭାଇସ୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ସଶସ୍ତ୍ର ବଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିବା ସହିତ କହିଥିଲେ ଯେ, ଆମେ ଏକ ସୁନ୍ଦର ଓ ସୁରକ୍ଷିତ ଜୀବନଯାପନ କରିପାରୁଛେ, ଏହାର କାରଣ ଆମେ ସଶସ୍ତ୍ର ବାହିନୀର ସୁରକ୍ଷା ବଳୟ ମଧ୍ୟରେ ରହିଛେ।

## କୁମାର ଉତ୍ସବ ପାଳିତ

**ପୁରୁଣା ଭୁବନେଶ୍ୱର,୨୪।୧୦(ଡି.ଏନ.ଏ.)**

ରାଜଧାନୀରେ ବିଭିନ୍ନ ମଣ୍ଡପରେ ବୁଧବାର ମା' ଗଜଲକ୍ଷ୍ମୀଙ୍କ ଆବାହନ କରାଯାଇଛି। ଏଥିଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁମାର ଉତ୍ସବ ସହ ଗଜଲକ୍ଷ୍ମୀ ପୂଜା ଧୂମଧାମରେ ଆରମ୍ଭ ହୋଇଛି। ପୁରୁଣା ଭୁବନେଶ୍ୱରର ମୂଳାପଡ଼ିଆଠାରେ କଲ୍ୟାଣ କ୍ଲବ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ପାଳିତ ହୋଇଛି ୨୦୧୮ କୁମାର ଉତ୍ସବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରକରଣ ସାହି, ଜମ୍ବେଶ୍ୱର ପାଟଣା, ଆଦି ସାହିର କୁଆଁରୀମାନେ କୁଆଁର ପୁନେଇ ଜହ୍ନଲୋ ... ପୁଞ୍ଚିଲୋ ପୁଞ୍ଚି ଭଳି ପାରମ୍ପରିକ ଗୀତ ଓ ସଙ୍ଗୀତରେ ନୃତ୍ୟ ପରିବେଶଣ କରିଥିଲେ। ପରେ କଳାକାର ଆଶୁତୋଷ ଏବଂ ଦିପ୍ତୀରେଖାଙ୍କ ସଙ୍ଗୀତ ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ବେଶ୍ ମନୋଲୋଭା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ଶିଶୁ ବିକାଶ (ମିଶନଶକ୍ତି) ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, କର୍ପୋରେଟର ଦିପ୍ତୀମୟୀ ସମର୍ଥା, କର୍ପୋରେଟର ରଶ୍ମିତା ମହାପାତ୍ର, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ କୋଷାଧ୍ୟକ୍ଷ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ।

## ଚନ୍ଦ୍ରଶେଖରଙ୍କ ସାହିତ୍ୟରେ ଥିଲା ଆତ୍ମାର ଐଶ୍ୱର୍ଯ୍ୟ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ରଚନାରେ ଆତ୍ମାର ଐଶ୍ୱର୍ଯ୍ୟ ପ୍ରତିଫଳିତ ହୋଇଥିଲା। ତାଙ୍କ ଜୀବନଧାରା ଏବଂ ଲିଖନଧାରା ମଧ୍ୟରେ କୌଣସି ତାରତମ୍ୟ ନ ଥିଲା। ତାଙ୍କ ରଚନାବଳୀରେ ବ୍ୟକ୍ତି ଓ ବ୍ୟଷ୍ଟି ଜୀବନର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପରିଲକ୍ଷିତ ହୋଇଥାଏ। ରଥଙ୍କ ସାରସ୍ୱତ କୃତିର ତୁଳନା ନ ଥିବାବେଳେ ଗଳ୍ପ-ଉପନ୍ୟାସ, କବିତା, ଆଲୋଚନା ଓ ଲଳିତ ନିବନ୍ଧ ରଚନାରେ ଚନ୍ଦ୍ରଶେଖର ଧୂରୀଣ ଥିଲେ ବୋଲି ଏଠାରେ ମତପ୍ରକାଶ ପାଇଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖର ରଥ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ବୁଧବାର ଭାରତୀୟ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ଚନ୍ଦ୍ରଶେଖର ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତାମାନେ ଦିବଂଗତ ସାହିତ୍ୟିକଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତାଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ୍ ରାଜକିଶୋର ମିଶ୍ର, ସ୍ତମ୍ଭକାର ଓ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, କବି ଡ. ଅପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ ଚନ୍ଦ୍ରଶେଖରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟିକ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହାସହ ତାଙ୍କ ବିଭିନ୍ନ ସାହିତ୍ୟକୃତିଗୁଡ଼ିକର ବୈଶିଷ୍ଟ୍ୟ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଜୟନ୍ତୀ ରଥ ସ୍ୱାଗତ ଭାଷଣ ଦେଇ ଚନ୍ଦ୍ରଶେଖରଙ୍କୁ ତାଙ୍କ ଶିକ୍ଷାଗୁରୁ ଭାବରେ ଅଭିହିତ କରିଥିଲେ। ସେ ତାଙ୍କ ରଚନାରେ ନିମ୍ନ ଭାବନାର ରୂପାୟନକୁ ବର୍ଜନ କରିଥିଲେ ବୋଲି କହିଥିଲେ। ସାହିତ୍ୟିକ ପୀତବାସ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଏକାଡେମୀର ପୂର୍ବତନ ସଭାପତି ସାତକଡ଼ି ହୋତା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ 'ଟାଇମ୍‌ପାସ୍' ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ 'ଚନ୍ଦ୍ରଶେଖର ଶ୍ରେଷ୍ଠ ଗଳ୍ପ' ଓ ସୃଜନିକା ଦ୍ୱାରା ପ୍ରସ୍ତୁତ 'ଚନ୍ଦ୍ରଶେଖର ରଚନା ସଂଗ୍ରହ' ଶୀର୍ଷକ ଡିଜିଟାଲ ସିଡୀ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ଚନ୍ଦ୍ରଶେଖର ସ୍ମୃତି ପରିଷଦର ସମ୍ପାଦକ ଶଶିଭୂଷଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ତୋରଣରେ କୋଲକାତାର ବେଲୁର ମଠ

**କଟକରୋଡ, ୨୪।୧୦ (ଡି.ଏନ୍.ଏ.)**



ଲକ୍ଷ୍ମୀସାଗର ଗଜଲକ୍ଷ୍ମୀ ପୂଜା

ସାରା ରାଜ୍ୟରେ ବେଶ୍ ଆଡମ୍ବର ଭାବେ ଦଶହରା ଶେଷ ହୋଇଥିବାବେଳେ ଏବେ ଆରମ୍ଭ ହୋଇଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ରାଜଧାନୀର ବିଭିନ୍ନ ସ୍ଥାନରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା ଚାଲିଛି। ଚଳିତ ବର୍ଷ ଲକ୍ଷ୍ମୀସାଗର ଓଁ ମା' ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ୨୮ବର୍ଷ ଧରି ଏହି ପୂଜା ଆୟୋଜନ କରୁଥିବା ସମିତି ପକ୍ଷରୁ ଏଥର ତୋରଣରେ କୋଲାକାତାର ବେଲୁର ମଠ ଆକର୍ଷଣ ସାଜିଛି। ତୋରଣର ଉଚ୍ଚତା ୬୦ଫୁଟ ଓ ଚଉଡ଼ା ୬୫ଫୁଟ ରହିଥିବାବେଳେ ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ସହ ମେଢ଼ର ଉଚ୍ଚତା ୩୦ଫୁଟ ରହିଛି। ପୂଜା ଅବସରରେ ମା'ଙ୍କ ନିକଟରେ ଦୈନିକ ବୁଟ, ମୁଗ, ଫଳମୂଳ ଇତ୍ୟାଦି ଭୋଗ ଲାଗିବା ସହ ଚରୁଅନ୍ନ ଭୋଗ ଓ ପ୍ରସାଦ ବ୍ୟବସ୍ଥା ହୋଇଛି। ୪ଦିନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ସମିତି ପକ୍ଷରୁ କୁହାଯାଇଛି।

"ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଥିବା ଯୋଗୁ ଲକ୍ଷ୍ମୀସାଗରର ଗଜଲକ୍ଷ୍ମୀ ପୂଜା ଏଭଳି ବର୍ଷବର୍ଷ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାରେ ଚାଲିବ। ଚଳିତ ବର୍ଷ ପୂଜା ଆୟୋଜନ ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଗାମୀ ଦିନରେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କର୍ମକର୍ତ୍ତା ଉଦ୍ୟମ ଜାରି ରଖିଛନ୍ତି।



**-କିଶୋର ନାୟକ, ସଭାପତି**

"ଏକତା ଓ ଭାଇଚାରାକୁ ବଞ୍ଚାଇ ରଖିବା ପାଇଁ ଗଜଲକ୍ଷ୍ମୀ ପୂଜା ସମିତି ସବୁ ସମୟରେ ଯଥେଷ୍ଟ ଯତ୍ନବାନ। ଅଧିକ ଜନସମାଗମକୁ ଲକ୍ଷ୍ୟ ରଖି ସମିତିର ୫୦ଜଣ ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳା ସହ ଭିଡ଼ ନିୟନ୍ତ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଛି।



**-ଜୟରାମ ସାହୁ, ସମ୍ପାଦକ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ଅକ୍ଟୋବର, ୨୦୧୮



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ



### ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ

**ବାଙ୍କୀ,୨୪।୧୦ (ସ୍ୱ.ପ୍ର.):** କୁମାର ପୂର୍ଣ୍ଣିମା ଅବସରରେ ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦେବୀଙ୍କ ଏହି ଦୁର୍ଲଭବେଶ ଦେଖିବା ପାଇଁ ୨୫ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ଦୈନିକ ନୀତିକାନ୍ତି ପରେ ସକାଳ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ମାଜଣା ପରେ ଦେବୀଙ୍କୁ କୁମାରୀ ବେଶରେ ସଜ୍ଜିତ କରାଯାଇ କେତକୀ ଫୁଲ ଅର୍ପଣ କରାଯାଇଥିଲା। ବର୍ଷର ଏହି ଗୋଟିଏ ଦିନରେ ମା'ଙ୍କୁ କେତକୀ ଫୁଲ ଅର୍ପଣ କରାଯାଏ। କୁମାର ପୂର୍ଣ୍ଣିମା ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥିଲା। କୁମାର ପୂର୍ଣ୍ଣିମା ତିଥିରେ ଦେବୀ ଲକ୍ଷ୍ମୀଙ୍କ କୁମାରୀ ଅବସ୍ଥାଥିବାରୁ ଆବାହମାନାକାଳରୁ ଏହି ପୀଠରେ ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ ଅନୁଷ୍ଠିତ ହୋଇଥାଏ।

### ବାର୍‌ହା ଶିକାର ଅଭିଯୋଗରେ ଜଣେ ଗିରଫ, ୭ ଫେରାର

**ନରସିଂହପୁର,୨୪।୧୦ (ସ୍ୱ.ପ୍ର./ ଡ଼ି.ଏନ୍.ଏ.) :** ନରସିଂହପୁର ପୂର୍ବ ସର୍କଲ ବନ ବିଭାଗ ଅନ୍ତର୍ଗତ ଦେବଭୂମି ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ୬ ରେ ଥିବା କଂସେଇଲୋ ଗ୍ରାମ



ନିକଟରୁ ବୁଧବାର ଏକ ମୃତ ବାର୍‌ହା ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ କଂସେଇଲୋ ଗ୍ରାମର ସଦାନନ୍ଦ ପ୍ରଧାନ (୩୬)। ତାଙ୍କଠାରୁ ଏକ କଟୁରି, ଛୁରି ଓ ଦୌଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୭ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ବନବିଭାଗ ପକ୍ଷରୁ ମାମଲା (ନଂ-୧୫/୧୮) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଦ୍ୱିପ୍ରହର ସମୟରେ ଗାଁ ନିକଟ ଜଙ୍ଗଲରୁ ସଦାନନ୍ଦ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ଏକ ବାର୍‌ହା ଶିକାର କରି ମାଂସ କାଟୁଥିବା ବେଳେ ଜଙ୍ଗଲ ଭିତରେ ଡ୍ୟୁଟିରେ ଥିବା ବନ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ଏହି ସମୟରେ ୭ ଅଭିଯୁକ୍ତ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ସଦାନନ୍ଦ ଧରାପଡି ଯାଇଥିଲେ। ପରେ ମୃତ ବାର୍‌ହାକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି ବୋଲି ବନ ବିଭାଗ ଅଧିକାରୀ ଅଭିରାମ ଜେନା ସୂଚନା ଦେଇଛନ୍ତି। ଏହି ଅଭିଯୋଗରେ ଗୁରୁବାର ସଦାନନ୍ଦଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଆଠଗଡ,୨୪।୧୦ (ସ୍ୱ.ପ୍ର.):** ଆଠଗଡ ବିଜୁ ଜନତା ଦଳ ତରଫରୁ ଆଠଗଡ ବ୍ଲକର ତରଡିଙ୍ଗ ପଞ୍ଚାୟତରେ ବୁଧବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ପଞ୍ଚାୟତର ତରଡିଙ୍ଗ ଗ୍ରାମସ୍ଥିତ ତାରିଣୀ ମନ୍ଦିରରୁ ବାହାରି ଗଜାଆମ୍ବ,ତେନ୍ତୁଳିଆ, ତରଡିଙ୍ଗ, ବାଇଲୋ ଗ୍ରାମ ଆଦି ପରିକ୍ରମା କରି ଗୌରାଙ୍ଗପୁରଠାରେ ଶେଷ ହୋଇଥିଲା। ପଦଯାତ୍ରା ସମୟରେ କେନ୍ଦ୍ରସରକାରଙ୍କୁ ସମାଲୋଚନା କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରଯାଇଥିଲା। କାର୍ଯ୍ୟକ୍ରମରେ ନୃସିଂହ ଚରଣ ମହାପାତ୍ର, ରବୀନ୍ଦ୍ରନାଥ ରାଉତ, ସୁନିଲ ପରିଡା, ପ୍ରଦିପ୍ତ ଦାସ, ଅଶାନ୍ତି ବେହେରା, ପ୍ରତିମା ମହାନ୍ତି ଓ ଶ୍ରୀନିବାସ ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

■ ବାଙ୍କୀ ମହୋତ୍ସବ୨୦୧୮ ଉଦ୍‌ଘାଟିତ

# ବାଙ୍କୀର ଐତିହ୍ୟ, ଇତିହାସ ସୁଦୂରପ୍ରସାରୀ



ବାଙ୍କୀ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ବାଙ୍କୀ,୨୪।୧୦ (ସ୍ୱ.ପ୍ର)**

ବାଙ୍କୀ କଚେରି ପଡିଆରେ ବୁଧବାର ବାଙ୍କୀ ମହୋତ୍ସବ-୨୦୧୮ ଆରମ୍ଭ ହୋଇଛି। ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂରପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନ ଠାରୁ ସମବାୟ ଆନ୍ଦୋଳନ ଯାଏ ବାଙ୍କୀର ଅବଦାନ ଓଡିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏ ମାଟିର ଅନେକ ସୁଯୋଗ୍ୟ ସନ୍ତାନ ସମାଜ ସଂସ୍କାର, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଗୌରବାନ୍ୱିତ ଅତୀତ ସହ ବର୍ତ୍ତମାନର ପ୍ରଗତିଶୀଳ ଓଡିଶାର ଚିତ୍ରକୁ ଯୁବପିଢିଙ୍କ ପାଖରେ ଉପସ୍ଥାପନ କରାଇବା ପାଇଁ ବାଙ୍କୀ ମହୋତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମଲ୍ଲିକ କହିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଓ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡିଶାର ସାହିତ୍ୟ, ସଂସ୍କୃତି, କଳା ଓ ଜୀବନ ଶୈଳୀକୁ ବଞ୍ଚେଇ ରଖିବାରେ ବାଙ୍କୀର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ବାଙ୍କୀ ମହୋତ୍ସବ ସମସ୍ତ ଜନସାଧାରଣଙ୍କ ପାଇଁ ଆନନ୍ଦ ଉଲ୍ଲାସ ଓ ଶାନ୍ତିର ବାର୍ତ୍ତା ନେଇଆସିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଙ୍କୀ ମହୋତ୍ସବ ସଭାପତି ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ୧୯ବର୍ଷରେ ପଦାର୍ପଣ କରିଥିବା ବାଙ୍କୀ ମହୋତ୍ସବ ଯୁବକତ୍ୱ ଲାଭ କରିଛି ବୋଲି କହିଥିଲେ । ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଅର୍ଥନୀତି ବିଶେଷଜ୍ଞ ବସନ୍ତ କୁମାର ପ୍ରଧାନଙ୍କୁ "ଚର୍ଚ୍ଚିକା ସମ୍ମାନ" ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଶାସକ ଭରତ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ମାଗୁଣି ଚରଣ ସାହୁ, ସମବାୟବିତ୍ ରାୟବାହାଦୁର ବିଦ୍ୟାଧର ପଣ୍ଡା (ମରଣୋତ୍ତର), ସାମାଜିକ କର୍ମୀ ସୁରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ ସଂଯୋଜକ ତଥା ଏନ୍‌ସିସି ଅଫିସର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଙ୍କୀ କଲେଜ ପ୍ରାଧ୍ୟାପକ ଡ.ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା ଲିଖିତ 'ଆମ ସମ୍ବିଧାନ' ପୁସ୍ତକକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ସକାଳୁ ମା'ଚର୍ଚ୍ଚିକାଙ୍କ ପୁଣ୍ୟ ପୀଠରେ ପୂଜାର୍ଚ୍ଚନା କରାଯାଇ ଏକ ଶୋଭାଯାତ୍ରାରେ ମା'ଙ୍କ ଆଜ୍ଞାମାଳ ଓ ଜ୍ୟୋତି ଅଣାଯାଇ ବାଙ୍କୀ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଜଗୁରୁ ଭବାନୀଶଙ୍କର ମହାପାତ୍ର, ପୂଜକ ପ୍ରତାପ ଚନ୍ଦ୍ର ପଣ୍ଡା, ମହୋତ୍ସବ ଉପସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ରଣା, ସୌମେନ୍ଦ୍ର ମିଶ୍ର, ସନାତନ ବେହେରା, ସେବାୟତ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ପଡିଆରେ ଥିବା ପ୍ରଦର୍ଶନୀ ମଣ୍ଡପକୁ ମନ୍ତ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଉପସଭାପତି ଅନନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡିଶୀ, ସଂକୀର୍ତ୍ତନ, ପାଲା, ସମ୍ବଲପୁରୀ ଲୋକନୃତ୍ୟ, ଫୁଲ ବଉଳବେଣୀ, ବିବିଧ ନୃତ୍ୟ, କଲିକତା ଡ୍ୟାନ୍ସ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୬ ଚୋରା ବାଇକ ଉଦ୍ଧାର: ୨ ଗିରଫ

**ମାହାଙ୍ଗା, ୨୪।୧୦(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ପଶ୍ଚୁଲୁଣ୍ଡା ଗୋବରୀ ପୋଲ ଛକ ନିକଟରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଚନ୍ଦନ ସାମଲ(୧୯), ବାରିଗୋଳ ଗ୍ରାମର ସୁଶାନ୍ତ ସାମଲ(୨୫)। ସେମାନଙ୍କ ପାଖରୁ ୬ଟି ଚୋରା ବାଇକ ଉଦ୍ଧାର କରାଯାଇଛି। ଏନେଇ ସାଲେପୁର ଥାନାରେ ମାମଲା (ନଂ-୧୩୪/୧୮) ରୁଜୁ କରାଯାଇଥିବା ବେଳେ ମାହାଙ୍ଗା ଥାନାରେ ମାମଲା (ନଂ-୨୦୬/୧୮)ରୁଜୁ କରାଯାଇଛି ବୋଲି ବୁଧବାର ଖବରଦାତା ସମ୍ମିଳନୀ ଡକାଯାଇ ମାହାଙ୍ଗା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗୋବରୀ ପୋଲ ଛକଠାରେ ପୋଲିସ ପାଟ୍ରୋଲିଂ କରି କାଗଜପତ୍ର ଯାଞ୍ଚ କରୁଥିଲା। ଏହି ସମୟରେ ସାଲେପୁର-ଛତିଆ ରାସ୍ତାର ଛତିଆ ଆଡୁ ଏକ ବାଇକରେ ୨ ଅଭିଯୁକ୍ତ ଦ୍ରୁତ ଗତିରେ ଆସୁଥିଲେ। ସେମାନେ ପୋଲିସକୁ ଦେଖି ପୁନର୍ବାର ଛତିଆ ଆଡକୁ ଖସି ଯାଉଥିବାବେଳେ ମାହାଙ୍ଗା ପୋଲିସ ସେମାନଙ୍କୁ ଧରି କାଗଜପତ୍ର ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ଉକ୍ତ ଗାଡିଟି ଚୋରା ଗାଡି ବୋଲି ଜଣା ପଡିଥିଲା । ପରେ ଅଧିକ ତଦନ୍ତ କରାଯାଇ ସେମାନଙ୍କ ପାଖରୁ ଆଉ ୫ ଚୋରା ବାଇକ ଜବତ କରାଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ ଜେନା, ଆଇଆଇସି ଯୁଗଳ କିଶୋର ଦାସ ସୂଚନା ପ୍ରଦାନ କରିଥିବାବେଳେ ଏସଆଇ ଶୁଭ୍ରାନ୍ତ ଜେନା,ଏସଆଇ ହାଫିଜ ଖାଁ ଓ ଜାକିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବାଇକ।

■ ଗଣକବି ବୈଷ୍ଣବ ପାଣିଙ୍କ ୧୩୬ ତମ ଜୟନ୍ତୀ

# ଜନ୍ମମାଟିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ମାହାଙ୍ଗା/ଲଳିତଗିରି, ୨୪।୧୦(ସ୍ୱ.ପ୍ର.)**

ମାହାଙ୍ଗାର ଅନ୍ୟତମ ବରପୁତ୍ର ତଥା ଗଣକବି ବୈଷ୍ଣବ ପାଣିଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ ବୁଧବାର ପୂର୍ବାହ୍ନରେ କବିଙ୍କ ଜନ୍ମପୀଠ କୋଠପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଗତ ପାଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ବ୍ଲକ୍ ବିଜେଡି ସଭାପତି ରାଜ କିଶୋର ଜେନା, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ରଘୁନାଥ ଜେନା,କୋଠପଦା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାଧାନାଥ ରାଉତ,ସରପଞ୍ଚ କଳ୍ପନା ଜେନା,ସମିତିସଭ୍ୟ ଲକ୍ଷ୍ମୀଧର



ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ବେହେରା,ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ମାହାଙ୍ଗା, ମାହାଙ୍ଗା ସାରସ୍ୱତ ସେବା ମଞ୍ଚ ଓ ସ୍ୱେଚ୍ଛାସେବୀ ସଂଗଠନ ଆମ ମାହାଙ୍ଗା ପକ୍ଷରୁ କବିଙ୍କୁ କୋଠାପଦଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଆକାଶ ଭୂୟାଁ ,ବସନ୍ତ ମହାନ୍ତି,ସଞ୍ଜିବ ରାଉତ, ନିତ୍ୟାନନ୍ଦ ମହାନ୍ତି, ସୁବାଶିଷ ସ୍ୱାଇଁ ପ୍ରମୁଖ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମାହାଙ୍ଗା ଭାଜପା ପକ୍ଷରୁ ବରିଷ୍ଠ ଭାଜପା ନେତା ପ୍ରଭାତ କେଶରୀ ମିଶ୍ର, ଶରତ ସାମଲ,ନାରାୟଣ ସେଠୀ ଓ ସୁଶାନ୍ତ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ସଂଗଠନ ଆମ ମାହାଙ୍ଗା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କବିଙ୍କ ପୀଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ମାହାଙ୍ଗା ପ୍ରେସ କ୍ଲବ ପକ୍ଷରୁ ମଧ ଗଣକବିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କ୍ଲବର ସଭାପତି ଦୀପକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ ମନୋଜ ଆଚାର୍ଯ୍ୟ, ଦୀପକ ଦାସ, ନାରାୟଣ ଓଝା, ଅର୍ଜୁନ ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ ଓ ତାପସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗଣକବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା।

## ନେମାଳ ପଦ୍ମବନ ପୀଠରେ ନିତ୍ୟ ରାହାସ ଉତ୍ସବ ଉଦ୍‌ଯାପିତ

**ନେମାଳ,୨୪।୧୦(ଡି.ଏନ.ଏ)**

ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀ ଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନେମାଳ ପଦ୍ମବନ ପୀଠରେ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଥିବା ନିତ୍ୟ ରାହାସ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ଗୋପୀନାଥ ଜୀଉ, ଶ୍ରୀ ଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ରାହାସମଣ୍ଡଳୀ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚିତ ଭଜନ, ଜଣାଣ, ମାଳିକା, ଅଷ୍ଟଗୁଜରୀ, ନବଗୁଜରୀ ଓ ଭାଗବତ ପାଠ ସହ ନିତ୍ୟ ରାହାସ ପରିବେଷଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ସ୍ଥାନରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଭାତରୁ ମହାସ୍ନାନ, ମଙ୍ଗଳଆଳତି ଓ ଭୋଗ କରାଯିବା ପରେ ଗୋପୀନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ବେଢା ପରିକ୍ରମା କରାଯାଇ ରାହାସ



ମଣ୍ଡପକୁ ନିଆଯାଇଥିଲା । ମଣ୍ଡପରେ ପ୍ରଭୁଙ୍କୁ ସ୍ଥାପନା କରାଯାଇ ରାହାସ ପଠନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ୫୦ରୁ ଉର୍ଦ୍ଧ୍ୱ ରାହାସ ଦଳ ଯୋଗଦେଇଥିଲେ। ସମସ୍ତ ରାହାସ ଦଳଙ୍କୁ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଗୋପୀନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଫୁଲମାଳ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଶେଷରେ ଗୋପୀବନ୍ଦାପନା କରାଯାଇ ସମୂହ ରାହାସ ପଠନ କରାଯିବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯାଇଥିଲା।

## ୨ପରିବାର ମଧ୍ୟରେ ମାରପିଟ, ୪ଆହତ

**ଜମିଜମା ବିବାଦ**

**ସାଲେପୁର,୨୪।୧୦(ଡି.ଏନ୍.ଏ.)**

ସାଲେପୁର ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବିଳମ୍ବିତ ରାତିରେ ୨ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟ ପରିବାରର ୪ଜଣ ସଦସ୍ୟ ଆହତ ହୋଇଛନ୍ତି। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସାଲେପୁର ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମର ମାଧବ ଦାସ ଓ ଅଚ୍ଛୁତି ଦାସଙ୍କ ପରିବାର ମଧ୍ୟରେ ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବିଳମ୍ବିତ ରାତିରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମାଧବ ଦାସ ପରିବାରର ସଦସ୍ୟଙ୍କୁ ଅଚ୍ଛୁତି ଦାସ ପରିବାର ଲୋକେ ଆକ୍ରମଣ କରିଥିଲେ ବୋଲି ମାଧବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣରେ ସେ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ଆହତ ହୋଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସେହିପରି ଅଚ୍ଛୁତିଙ୍କ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ ସବିତା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ମାଧବଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣରେ ସେ ଓ ସ୍ୱାମୀ ଅଚ୍ଛୁତି ଆହତ ହୋଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ସାଲେପୁର ଥାନାରେ ୨ ମାମଲା (ନଂ ୨୫୦/୧୮ ଓ ୨୫୨/୧୮) ରୁଜୁ କରାଯାଇଛି।

## ଦଶହରା ଭସାଣି ଶେଷ

**ଆଠଗଡ,୨୪।୧୦ (ସ୍ୱ.ପ୍ର.)**

ଦଶହରା ଉପଲକ୍ଷେ ଆଠଗଡରେ ବିଭିନ୍ନ ବଜାର, ସାହି ଓ ଅନୁଷ୍ଠାନ ପକ୍ଷରୁ ପୂଜା ପାଉଥିବା ମା'ଦୁର୍ଗା ଓ ହରଗୌରୀଙ୍କ ମୃଣ୍ମୟୀ ମୂର୍ତ୍ତିର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଠଗଡ ସହରରେ ୨୫ ପୂଜାମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଛି । ମୂର୍ତ୍ତିଗୁଡିକ ଆଠଗଡ ସହର ଦୁର୍ଗାବଜାରସ୍ଥିତ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ପରେ ମୂର୍ତ୍ତିଗୁଡିକୁ ଆଠଗଡ ସହର ଉପକଣ୍ଠ ସାପୁଆ ନଦୀରେ ନିର୍ମିତ କୃତ୍ରିମ ପୁଷ୍କରିଣୀରେ ବିସର୍ଜନ କରାଯାଇଛି। ଭସାଣି ଉପଲକ୍ଷେ ଜନସମାଗମକୁ ଆଖି ଆଗରେ ରଖି ଆଠଗଡ ପୋଲିସ ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶାସନ ତରଫରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଥିଲା। ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ବାସ୍କେ, ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ପ୍ରମୁଖ ଭସାଣି ପାଇଁ ମାଜିଷ୍ଟ୍ରେଟ ଭାବେ ନିଯୁକ୍ତ ହୋଇଥିଲେ।

# ମା'ଗଜଲକ୍ଷ୍ମୀଙ୍କ ପାଇଁ ଧରା ଉତ୍ସବମୁଖର

**ଆଠଗଡ,୨୪।୧୦ (ସ୍ୱ.ପ୍ର.)**

ଆଠଗଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଓ ସହରର ଲକ୍ଷ୍ମୀବଜାରରେ ୧୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଛି । ଏଥିସହ କୁମାରପୂର୍ଣ୍ଣିମା ପାଇଁ ବିଭିନ୍ନ ସାହି ବସ୍ତିରେ କୁମାରୀ ମାନେ ଦିନସାରା ଉପବାସରେ ବ୍ରତ ପାଳନ କରିଥିଲେ। ସନ୍ଧ୍ୟାରେ ମା'ବୃନ୍ଦାବତୀଙ୍କଠାରେ ପୂଜାର୍ଚ୍ଚନା କରି ଚାନ୍ଦପୂଜା କରିଥିଲେ । ଚାନ୍ଦ ଦର୍ଶନ ପରେ ବ୍ରତ ସମାପନ ହୋଇଥିଲା ।

**ନରସିଂହପୁର, (ସ୍ୱ.ପ୍ର.) –** ନରସିଂହପୁର ବ୍ଲକର ବିଭିନ୍ନ ଗ୍ରାମ ଓ ବଜାର କମିଟି ଦ୍ୱାରା ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ପବିତ୍ର କୁମାର ପୂର୍ଣ୍ଣମୀ ତିଥିରେ ଆୟୋଜକଙ୍କ ଦ୍ୱାରା ସୁଦୃଶ୍ୟ ତୋରଣ ଓ ଆଲୋକମାଳାରେ ପୂଜା ମଣ୍ଡପଗୁଡିକୁ ସାଜସଜ୍ଜା କରାଯାଇଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସଦର ମହକୁମା କ୍ଲବ ଛକ,ଘଡେଇ ସାହି, ହାଟ ଛକରେ ମା'ଗଜଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି। ସେହିପରି ନିମସାହି, ଘଣ୍ଟପଡା, ନୂଖାପଡା, ଶରଧାପୁର ଆଦି ଗ୍ରାମରେ ପୂଜା ମଣ୍ଡପ କରାଯାଇ ମା'ଙ୍କ ପୂଜା କରାଯାଇଛି । କୁମାର ପୂର୍ଣ୍ଣିମା ଉପଲକ୍ଷେ ନରସିଂହପୁରରେ ଝିଅମାନେ କୁମାରୋତ୍ସବ ବ୍ରତ କରିଥିଲେ।

**ବଡ଼ମ୍ବା, (ଡ଼ି.ଏନ୍.ଏ.)–** ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ମାଣିଆବନ୍ଧ, ଶଙ୍ଖାମେରୀ ଓ ବୃନ୍ଦାବନପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ମାଣିଆବନ୍ଧରେ ମା'ଗଜଲକ୍ଷ୍ମୀଙ୍କ ୩୯ ମେଢ଼ କରାଯାଇଛି। ଏଠାରେ ଏହି ପୂଜା ୭ଦିନ ଧରି ଆୟୋଜନ କରାଯିବ ବୋଲି ବିଭିନ୍ନ ପୂଜା କମିଟି ସୂତ୍ରରୁ ପ୍ରକାଶ ପାଇଛି । ସେହିପରି ବ୍ଲକ୍ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ ପାଟଣାସାହି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଠାରେ ପୂଜା ୩ ଦିନ ଧରି ଆୟୋଜନ କରାଯାଉଥିବାବେଳେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିଳା ପାଲା ପରିବେଷଣ କରାଯାଇଛି। ପାଟଣାସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହାକୁ ପରିଚାଳନା କରଯାଇଛି । ସେହିପରି ବୃନ୍ଦାବନପୁର ଖମାରସାହିସ୍ଥିତ ମା'ସନ୍ତୋଷୀ କ୍ଲବ୍ ଆନୁକୂଲ୍ୟରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏଠାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ତହସିଲଦାର ଅନିଲ୍ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଚନ୍ଦ୍ର ଶେଖର ମହାନ୍ତି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବନାଞ୍ଚଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ରଥ, ବଡ଼ମ୍ବା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ବିବେକାନନ୍ଦ ମଲ୍ଲିକ, ସାମାଜିକ କର୍ମୀ କମଳକାନ୍ତ ନାୟକ, ଗୋପମଥୁରା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ବିକ୍ରମ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ମା'ସନ୍ତୋଷୀ କ୍ଲବ୍‌ର ସଭାପତି ପ୍ରଭାକର ନାୟକ ଏଥିରେ ସଭାପତିତ୍ୱ କରିଥିଲେ।



ଆଠଗଡ଼ ଲକ୍ଷ୍ମୀବଜାରସ୍ଥିତ ପୂଜା ମଣ୍ଡପ।





ବଡ଼ମ୍ବାର ଦୁଇ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ






**ଚୌଦ୍ୱାର ରୂପଯାତ୍ରା :** ବିରୂପା ରୋଡ୍ ଓ ବଡ଼ବଜାର ପୂଜା ମଣ୍ଡପରେ ପୂଜାପାଉଥିବା ହରପାର୍ବତୀ। ବ୍ରାହ୍ମଣସାହି ଓ କଳିଙ୍ଗ ବଜାର ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ।

## ସଂକ୍ଷେପରେ

### ଚୌଦ୍ୱାରରେ ରୂପଯାତ୍ରା ଆରମ୍ଭ

**ଚୌଦ୍ୱାର.୨୪।୧୦(ଡି.ଏନ୍.ଏ.):** ଚୌଦ୍ୱାର ଅଞ୍ଚଳର ପ୍ରସିଦ୍ଧ ରୂପଯାତ୍ରା ବୁଧବାରରୁ ଆରମ୍ଭ ହୋଇଛି। ଚଳିତବର୍ଷ ୪୦ଟି ପୂଜା ମଣ୍ଡପରେ ଦୁର୍ଗା, ହରପାର୍ବତୀ, ଗଜଲକ୍ଷ୍ମୀ, ହନୁମାନ, ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି। ଏହି ଅବସରରେ ବିଭିନ୍ନ ମଣ୍ଡପକୁ ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗିନ୍ ଆଲୋକମାଳାରେ ସଜ୍ଜା ଯାଇଛି। ଏହି ଅବସରରେ ଗାନ୍ଧୀ ଛକ, କଳିଙ୍ଗ ଛକ, କପାଳେଶ୍ୱର, ଓଟିଏମ୍ ବଜାର, ବିରାଟ ବଜାର ଆଦି ସ୍ଥାନରେ ସନ୍ଧ୍ୟାରେ ମେଲୋଡି ଓ ନୃତ୍ୟ ପରିବେଷିତ ହୋଇଥିଲା। ଏହାକୁ ଦେଖିବା ପାଇଁ ବହୁସଂଖ୍ୟାରେ ଜନସମାଗମ ହୋଇଥିଲା। ଆସନ୍ତା ୨୬ ତାରିଖରେ ମେଳଣ ପର୍ବ ଓ ୨୭ ତାରିଖରେ ଭାସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ରୂପଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖପତ୍ର 'ଫୁଲ ବଉଳବେଣୀ' ଉନ୍ମୋଚିତ

**ଚୌଦ୍ୱାର,୨୪।୧୦(ଡି.ଏନ୍.ଏ.):** ଆଞ୍ଚଳିକ ପେସାଦାର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଚୌଦ୍ୱାର ଟାଉନ୍ ହଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ବେହେରା, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ତପନ କୁମାର ପାଢ଼ୀ ଓ ଆମ୍ଭର ଅଧ୍ୟକ୍ଷ ସେକ୍ ଶାହାଜାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣମାଧ୍ୟମର ଭୂମିକାର ବିଶେଷତା ଉପରେ ଆଲୋକପାତ କରିବା ସହ ଖବରଦାତା କୌଣସି ଚାପର ବଶବର୍ତ୍ତୀ ନ ହୋଇ ଖବର ପରିପ୍ରକାଶ ଦିଗରେ ଦୃଷ୍ଟି ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର 'ଫୁଲ ବଉଳବେଣୀ' ଉନ୍ମୋଚିତ ହୋଇଥିଲା। ଏଥିସହ ଅଞ୍ଚଳର ଖବରଦାତା, ସାମାଜିକ କର୍ମୀ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଏସ୍.କେ. ଜାଭେଦ୍ ବିବରଣୀ ପାଠ ଓ ଅଜିତ୍ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ ହରିହର ବେଉରା, ସୁଧାକର ମହାପାତ୍ର, ବଳରାମ ଲେଙ୍କାଙ୍କ ସମେତ ବହୁ ଖବରଦାତା, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

### ୫୦୦ ପେଟିରୁ ଊର୍ଦ୍ଧ୍ୱ ମଦ ଜବତ: ଚାଳକ ଅଟକ

**କଣ୍ଟାପଡା, ୨୪।୧୦(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର କଣ୍ଟାପଡା ବଜାରଠାରେ ମଙ୍ଗଳବାର ଓଲଟପୁର ପୋଲିସ ଏକ ମଦ ବୋଝେଇ ଟ୍ରକ୍ ଜବତ କରିଛି। ଜବତ ଦେଶୀମଦର ପରିମାଣ ୨୦୦୦ ଲିଟରରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ଅନୁମାନ କରୁଛି। ଏହି ଘଟଣାରେ ଟ୍ରକ ଚାଳକଙ୍କୁ ପୋଲିସ ଅଟକ ରଖିବା ସହ ଥାନାରେ ଏକ ମାମଲା(ନଂ. ୮୩/୧୮) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ଟ୍ରକ୍(ନଂ.ଓଡି୦୫ପି-୨୮୩୯)ରେ ମଦ ବୋଝେଇ ହୋଇ ନିଆଳି ଅଭିମୁଖେ ଯାଉଥିଲା। ଖବରପାଇ ପୋଲିସ କଣ୍ଟାପଡା ବଜାରରେ ଏହାକୁ ଅଟକାଇଥିଲା। ଥାନାକୁ ଟ୍ରକକୁ ଆଣି ଯାଞ୍ଚବେଳେ ସେଥିରେ ୫ଶହ ପେଟିରୁ ଅଧିକ ପରିମାଣର ମଦ ଥିବା ଜଣାପଡିଥିଲା। ତେବେ କାଗଜପତ୍ରରେ ୩୦୨ ପେଟିଥିବା ଜଣାପଡିବାରୁ ପୋଲିସ ଗାଡିକୁ ଅଟକ ରଖିଥିଲା।

# ସିଏମ୍‌ସି ଇ-ନ୍ୟୁଜ୍ ଲେଟର ସେବା ବନ୍ଦ

**କଟକ ଅଫିସ,୨୪।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ୱେବ୍‌ସାଇଟରେ ୯ ମାସ ହେବ ପ୍ରକାଶ ପାଉନାହିଁ ଇ-ନ୍ୟୁଜ୍ ଲେଟର। ୨୦୧୫ରୁ କଟକ ମହାନଗର ନିଗମ ନିଜ ୱେବ୍‌ସାଇଟରେ 'ଦି କାଠଯୋଡ଼ି-ଆଶାର ପ୍ରବାହ' ନାମକ ଇ-ନ୍ୟୁଜ୍ ଲେଟର ନିୟମିତ ପ୍ରକାଶ କରି ଆସୁଥିଲା। ପ୍ରତି ମାସରେ ମହାନଗର ନିଗମ ପକ୍ଷରୁ ଯାହାସବୁ ଉନ୍ନତିମୂଳକ କାର୍ଯ୍ୟ କରାଯାଉଥିଲା ତାହା ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସ୍ଥାନିତ କରାଯାଉଥିଲା। ହେଲେ ୨୦୧୭ ଡିସେମ୍ବରଠାରୁ ଆଉ ନୂଆ ଇ-ନ୍ୟୁଜ ଲେଟର ସିଏମ୍‌ସି ୱେବ୍‌ସାଇଟ୍‌ରେ ଅପଲୋଡ ହେଉନାହିଁ।

ମିଳିଥିବା ସୂଚନା ମୁତାବକ, ସିଏମ୍‌ସିର ତତ୍କାଳୀନ ଡେପୁଟି କମିଶନର ନିରୁପମା ସ୍ୱାଇଁ ଏହି ନ୍ୟୁଜ୍ ଲେଟର ପ୍ରକାଶନ ଦାୟିତ୍ୱରେ ଥିଲେ। ହେଲେ ୨୦୧୭ରେ ତାଙ୍କ ବଦଳି ପରେ ଆଉ କୌଣସି ଅଧିକାରୀ ଏହି ଦାୟିତ୍ୱ ନେଉନାହାନ୍ତି। ଏ ସମ୍ପର୍କରେ କର୍ପୋରେଟର ରଞ୍ଜିତା

**୯ ମାସ ହେବ ୱେବ୍‌ସାଇଟ୍‌ରେ ନୂଆ ସଂସ୍କରଣ ଅପ୍‌ଲୋଡ୍ ହୋଇନି**

ବିଶ୍ୱାଳ କହିଛନ୍ତି, ସ୍ୱଚ୍ଛ ଭାରତ ସର୍ବେକ୍ଷଣର ନିୟମ ଅନୁଯାୟୀ ଏହି ମହାନଗର ନିଗମ କ'ଣ କରୁଛି ତାହା ସାଧାରଣ ବ୍ୟକ୍ତି ମଧ୍ୟ ଜାଣିବା ଦରକାର। ସିଏମ୍‌ସି ଇ-ନ୍ୟୁଜ୍ ଲେଟର ପ୍ରକାଶ ପାଉ ନ ଥିବାରୁ ଏ ସମ୍ପର୍କରେ ଲୋକେ କିଛି ଜାଣିପାରୁ ନାହାନ୍ତି। ଏହାକୁ ଠିକ୍ ଭାବେ ପ୍ରକାଶ କରାଗଲେ ମହାନଗର ନିଗମର କାର୍ଯ୍ୟ ସ୍ୱଚ୍ଛତାର ଏହା ଏକ ମାନଦଣ୍ଡ ହେବ ବୋଲି କହିହେବ। ତେବେ ସିଏମ୍‌ସି ଇ-ନ୍ୟୁଜ୍ ଲେଟର ବନ୍ଦ ହୋଇଥିବା ନେଇ ମେୟର ମୀନାକ୍ଷୀ ବେହେରା ଆଦୌ ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ଲୋକଙ୍କ ସହ ସିଏମସି କର୍ତ୍ତୃପକ୍ଷ ଯୋଡି ହେବାର ଏହା ଏକ ଭଲ ମାଧ୍ୟମ। ତେଣୁ ଏହାକୁ ପୁଣି ଆରମ୍ଭ କରିବାକୁ ଆମେ ଉଦ୍ୟମ କରିବୁ।

### ଏବେ ବି ସିଏମ୍‌ସି କମିଶନର ବିକାଶ ମହାପାତ୍ର

କଟକ ମହାନଗର ନିଗମର କମିଶନର ହେଉଛନ୍ତି ଶରତ ଚନ୍ଦ୍ର ନାୟକ। ସେ ନୂଆ କମିଶନର ଭାବେ ଯୋଗଦେବାର ଦେଢ଼ ମାସ ବିତିଛି। କିନ୍ତୁ ସିଏମ୍‌ସି ୱେବ୍‌ସାଇଟ୍‌ରେ ଏବେବି ବିକାଶ ମହାପାତ୍ରଙ୍କୁ କମିଶନର ଭାବେ ଦର୍ଶାଯାଇଛି। ଏକ ସରକାରୀ ୱେବ୍‌ସାଇଟରେ ଏଭଳି ଭୁଲ୍ ତଥ୍ୟକୁ ନେଇ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସାଇବର ଆକ୍ଟ ଅନୁଯାୟୀ ୱେବ୍‌ସାଇଟ୍‌ରେ ଭୁଲ୍ ତଥ୍ୟ ଦିଆଯିବା ଆଇନତଃ ଏକ ଦଣ୍ଡନୀୟ ଅପରାଧ। ନ୍ୟୁଜ୍ ଲେଟର ବନ୍ଦ ହେବା ଓ ୱେବ୍ ସାଇଟ୍ ଅପ୍‌ଡେଟ୍ ନ ହେବା ସିଏମ୍‌ସିର ବାସ୍ତବ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆଧୁନିକତାରେ ହଜିଯାଉଛି ପରମ୍ପରା

**କଟକ ଅଫିସ, ୨୪।୧୦**

ଆଧୁନିକତା ଆଗରେ ପରମ୍ପରା ହଜିଯାଉଛି। ତେଣୁ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ସାମାଜିକ ଅନୁଷ୍ଠାନ 'ସୁନାଦୁବ' ପକ୍ଷରୁ ଆୟୋଜିତ କୁମାରୋତ୍ସବରେ ବକ୍ତାମାନେ ଏହା କହିଛନ୍ତି। ବୁଧବାର ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ କୁମାରୋତ୍ସବ ପାଳିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ଗ୍ରାମର ଝିଅ ଓ ବୋହୂମାନଙ୍କ ମଧ୍ୟରେ ରଙ୍ଗୋଲି ଏବଂ ପୁଚି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଂଯୋଜନାରେ ପ୍ରତିଯୋଗିତାଗୁଡିକୁ ଅନୁଷ୍ଠାନର ବବିତା ଦାସମହାପାତ୍ର, ପୁଷ୍ପଲତା ଦାଶ, ସୁଷମା ବାରିକ, ମଞ୍ଜୁଲତା ଜେନା, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଦ୍ୟା ବିକାଶ ପରିଷଦ, ଓଡ଼ିଶାର ସଭାପତି କୈଳାସ ଚନ୍ଦ୍ର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ତାତ୍ପର୍ଯ୍ୟ କହିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ବେଉରା ପ୍ରଥମ, ଶୁଭସ୍ମିତା ରାଉତ ଦ୍ୱିତୀୟ, କମଳ କିରଣ ଦଳାଇ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶୁଭଶ୍ରୀ ଶୁଭଲକ୍ଷ୍ମୀ ନାୟକ ଏବଂ ଅପରାଜିତା ସ୍ୱାଇଁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପୁଚି ପ୍ରତିଯୋଗିତାରେ ଶୁଭସ୍ମିତା ମହାନ୍ତି ପ୍ରଥମ, ତପସ୍ୱିନୀ ସାହୁ ଦ୍ୱିତୀୟ, ଶୁଭଲକ୍ଷ୍ମୀ ମୁର୍ମୁ ତୃତୀୟ ଏବଂ କୌଶଲ୍ୟା ଦେବୀ, ସୁଭାସିନୀ ସାହୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ସମ୍ପାଦକ ମାନସ ସାହୁଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ମନୀଷା ରାୟ ଧନ୍ୟବାଦ ଦେଇଥିଲେ।

# ଗୋଚର ଜମି କିସମ ପରିବର୍ତ୍ତନ କଷ୍ଟସାଧ୍ୟ

**କଟକ ସଦର,୨୪।୧୦(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର ଜମିର କିସମ ପରିବର୍ତ୍ତନ କଷ୍ଟସାଧ୍ୟ ବୋଲି କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସ୍ପଷ୍ଟୀକରଣ ଦେଇଥିଲେ। ମଙ୍ଗଳବାର କଟକ ସଦର ବ୍ଲକ ଆୟଉପୁର ପଞ୍ଚାୟତ ଗସ୍ତରେ ଆସି ସରପଞ୍ଚ କାନନ କୁମାରୀ ସାହୁଙ୍କ ସହ ଆଲୋଚନା ସମୟରେ ଗୋଚର ଜମିକୁ ଅସଂରକ୍ଷିତ କରି ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବା ଆଇନ ଦୃଷ୍ଟିରୁ ସେତେଟା ସହଜ ନୁହେଁ ବୋଲି ଜିଲାପାଳ ଅଗ୍ରୱାଲ କହିବା ଉପସ୍ଥିତ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାରଣ ଏହି ବ୍ଲକର ଅନେକ ସ୍ଥାନରେ ଗୋଚର କିସମ ଜମିରେ ସ୍ଥାୟୀ ନିର୍ମାଣ କରାଯିବା ଉଦାହରଣ ରହିଛି। ଏହାଛଡା ୪୨ ମୌଜା, ଗୋପାଳପୁର ଅଞ୍ଚଳରେ ଗୋଚର ଓ ଜଙ୍ଗଲ କିସମ ଜମିକୁ ବାସୋପଯୋଗୀ କରିବା ପାଇଁ ଅତୀତରେ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିଲା। ବର୍ତ୍ତମାନ ପରିସ୍ଥିତିରେ ତାଙ୍କ କାର୍ଯ୍ୟକାଳରେ ବେଆଇନ କାର୍ଯ୍ୟ କରାଯାଇପାରିବ ନାହିଁ। କେବଳ ଯେଉଁ ଗ୍ରାମରେ ଅଧିକ ଗୋଚର ଜମି ଥିବ ସେଠାରେ କିସମ ପରିବର୍ତ୍ତନ ବିଚାରକୁ ନିଆଯାଇପାରେ ବୋଲି ଅଗ୍ରୱାଲ ସ୍ପଷ୍ଟ କରିଥିଲେ। ଆୟଉପୁର ବଜାରରେ ମାର୍କେଟ କମ୍ପ୍ଲେକ୍ସ ପାଇଁ ଚିହ୍ନଟ ଜାଗା ଗୋଚର କିସମ ହୋଇଥିବାରୁ ଏହାର କିସମ ପରିବର୍ତ୍ତନ ପାଇଁ ସରପଞ୍ଚ ସାହୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ନିର୍ଭରଯୋଗ୍ୟ ସୂତ୍ର ଅନୁଯାୟୀ, ୪୨ ମୌଜା ଓ ଗୋପାଳପୁର ଅଞ୍ଚଳରେ ସମତଳ ଗୋଚର ଜମିକୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ଅସଂରକ୍ଷିତ ଘୋଷଣା କରାଯାଇଥିଲା। ଯେତିକି ଗୋଚର ଓ ଜଙ୍ଗଲ କିସମ ଜମି ଅସଂରକ୍ଷିତ ଘୋଷଣା କରାଗଲା ସେତିକି ଜମି ଅନ୍ୟସ୍ଥାନ ଯଥା କାଠଯୋଡି ନଦୀପଠାରେ ସଂରକ୍ଷଣ କରାଯାଇଛି। ସରକାରୀ କାଗଜପତ୍ରରେ ଏହି ଜମି ଥିବାବେଳେ ବାସ୍ତବ କ୍ଷେତ୍ରରେ ନଦୀଧାରରେ ପରିଣତ ହୋଇସାରିଛି। ନଦୀ, ପୋଖରୀ, ଯୋର ଆଦି ଜଳ ଉତ୍ସର କିସମ ଜମିରେ କୌଣସି ଆଳ ଦେଖାଇ ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ ବୋଲି ସିଭିଲ ଅପିଲ ନଂ.୪୭୮୭/୨୦୦୧ରେ ସୁପ୍ରିମକୋର୍ଟ ବାରଣ କରିଛନ୍ତି। ସମ୍ବିଧାନର ଧାରା ୨୧ ଅନୁଯାୟୀ, ଜଳଉତ୍ସ ଓ ପ୍ରାଣୀମାନଙ୍କର ମଧ୍ୟ ଅଧିକାର ରହିଥିବାରୁ ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଜମିକୁ ଜବରଦଖଲ ଅଥବା କିସମ ପରିବର୍ତ୍ତନ ସମ୍ଭବପର ନୁହେଁ ବୋଲି ସୁପ୍ରିମକୋର୍ଟ ୩ଏସ୍‌ସିସି୫୪୯/୧୯୯୭ରେ ଅନ୍ୟଏକ ରାୟରେ ସ୍ପଷ୍ଟ କରିଛନ୍ତି। ଜିଲାପାଳ ଅଗ୍ରୱାଲଙ୍କ ବିବୃତି ପରେ ଅଧସ୍ତନ ରାଜସ୍ୱ ଅଧିକାରୀମାନେ ଆୟଉପୁରରେ ବିଚଳିତ ହୋଇପଡିଥିବା ଲକ୍ଷ୍ୟ କରାଯାଇଥିଲା।

### ଅମରେନ୍ଦ୍ର ମହାନ୍ତି, ମାଳତୀଲତା ପ୍ରଧାନ ପାଇବେ 'ଭିକାରୀ ବଳ ସ୍ମୃତି ସମ୍ମାନ'

**କଟକ ଅଫିସ, ୨୪।୧୦:** ଭଜନ ସମ୍ରାଟ ଭିକାରୀ ବଳଙ୍କ ଅଷ୍ଟମ ସ୍ମୃତି ସମାରୋହ ନଭେମ୍ବର ୨ ସ୍ଥାନୀୟ ଶ୍ରୀରାମ ଚନ୍ଦ୍ର ଭବନଠାରେ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଚଳିତବର୍ଷ କଣ୍ଠ ସଂଗୀତ ପାଇଁ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି ଓ ଗୀତିକବିତା ପାଇଁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ମାଳତୀଲତା ପ୍ରଧାନଙ୍କୁ 'ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୧୮' ପ୍ରଦାନ କରାଯିବ ବୋଲି ସ୍ମୃତିସଂସଦ ପକ୍ଷରୁ କୁହାଯାଇଛି। ଅମରେନ୍ଦ୍ର ମହାନ୍ତି ଓଡ଼ିଆ ଚଳଚ୍ଚିତ୍ର 'ସୁନାପଞ୍ଜୁରୀ', 'ସ୍ତ୍ରୀ', 'ଭାଇ ହେଲା ଭଗାରୀ', 'ବସୁଧା', 'କଣ୍ଢେଇ ଆଖିରେ ଲୁହ', 'ପୁତୁଲେର୍ ପ୍ରତିଶୋଧ୍', ଅନେକ ଯାତ୍ରା, ଦୂରଦର୍ଶନ, ଆକାଶବାଣୀରେ ସଂଗୀତ ନିର୍ଦ୍ଦେଶନା ଦେବା ସହିତ ଭିକାରୀ ବଳଙ୍କ କଣ୍ଠରେ 'ମିଛ ଦୁନିଆରେ ଗୋଟିଏ ସତ', 'ପଚାରିଲେ ରାଧିକାକୁ ଦିନେ ନନ୍ଦବଳା...' ପ୍ରଭୃତିରେ ସଂଗୀତ ନିର୍ଦ୍ଦେଶନା ଦେଇ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସେହିପରି ମାଳତୀଲତା ପ୍ରଧାନ ଭିକାରୀ ବଳଙ୍କ ପାଇଁ 'ମତେ କରିଦେ କରିଦେ ତୋର କିଣା ଚାକର', 'ପ୍ରଭୁ ଜାଣେନା ମୁଁ ପୂଜା ଭକତି', 'ଫଗୁଣ ଯା' ଦେଇଥିଲା ନେଇଗଲା ଶ୍ରାବଣ' ଆଦି ଗୀତ ରଚନା କରି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।



କୁମାରପୂର୍ଣ୍ଣମୀ ଅବସରରେ କଟକ କାଜିବଜାର ଜଗନ୍ନାଥବଲ୍ଲଭ ମଠ ପରିସର ଚଉରା ମୂଳରେ କୁମାରୀମାନେ ଚାନ୍ଦପୂଜା କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

**କଟକ ସଦର/ ଫୁଲନଖରା, ୨୪।୧୦ (ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜା ଅଧୀନ ୬ଟି ପଞ୍ଚାୟତର ୨୩ଟି ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ଏଥିସହ ବେଣ୍ଟକାର, ଶିଶୁଆ, ଶ୍ରୀରାମ, ଟାଇଁକଣା, କୂଳସରିଚୁଆଁ ଓ କଣ୍ଟୁଣିଆ ଆଦି ସ୍ଥାନରେ ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି କିଶୋର ନଗର ଥାନା ଅଧୀନ ପାରାବିଲ, ନାନପୁର ଗ୍ରାମରେ ମଧ୍ୟ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ସେହିପରି କଟକ ସଦର ଥାନା ଅଧୀନ ଡିଅ ନଚ୍ଛିପୁର, ସାମଲ ସାହି, ବଢେଇ ସାହି, କାଜିପୁର, ଅମଣିଆଗୋରଡା ଓ ବାଲିସାହି ଆଦି ଅଞ୍ଚଳରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ସୁନ୍ଦର ଆଲୋକ ସଜ୍ଜା ସାଙ୍ଗକୁ ସୁଉଚ୍ଚ ତୋରଣ ନିର୍ମାଣ ହୋଇଛି। ବାରଙ୍ଗ ବ୍ଲକ ଅଧୀନ ସିଶୋ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି।

# 'ଗୀତିନାଟ୍ୟ ମାଧ୍ୟମରେ ବାନ୍ଧି ରଖିଥିଲେ ଗଣକବି'

**କଟକ ଅଫିସ, ୨୪।୧୦**

ଗଣକବି ତାଙ୍କ ରଚିତ ଗୀତିନାଟ୍ୟ ମାଧ୍ୟମରେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲେ । ସେ କେବଳ ମାହାଙ୍ଗାରେ ସୀମିତ ନ ଥିଲେ ବରଂ ଓଡ଼ିଶା ଓ ଓଡ଼ିଶା ବାହାରେ ବେଶ୍ ପରିଚିତ ଥିଲେ। ତାଙ୍କ କୃତିକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ ହୋଇ ନ ଥିବା ଗଣକବିଙ୍କ ରଚିତ ଲେଖା ୪ର୍ଥ ସଂସ୍କରଣ ପ୍ରକାଶନ କରାଯିବ ବୋଲି ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି ।

**ବୈଷ୍ଣବ ପାଣିଙ୍କ ଜୟନ୍ତୀ**

ଓଡ଼ିଶା ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ କଟକ ଖାନ୍‌ନଗରସ୍ଥିତ ଗଣକବି ବୈଷ୍ଣବ ପାଣି ପାର୍କଠାରେ ବୁଧବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, କଟକ ମହାନଗର ନିଗମ(ସିଏମ୍‌ସି) ଓ ମାହାଙ୍ଗାର ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ କମିଟି ମିଳିତ ସହଯୋଗରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ପ୍ରମୁଖ ଯୋଗଦେଇ ଗଣକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୟନ୍ତୀ କମିଟି ପକ୍ଷରୁ ବିଜୟାନନ୍ଦ ସିଂ ଯୋଗଦେଇ ଗଣକବିଙ୍କ ଅବଦାନ ଆଧୁନିକ ସାହିତ୍ୟକୁ କିଛି କମ୍ ନୁହେଁ ଓ ତାଙ୍କ ରଚିତ ଲେଖା ଜନମାନସକୁ ସର୍ବାଧିକ ସ୍ପର୍ଶ କରିଥିଲା ବୋଲି କହିଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବୈଷ୍ଣବ ପାଣି ସ୍ମୃତି କମିଟି ପକ୍ଷରୁ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲା ଜରୁରୀ ଅଧିକାରୀ ପ୍ରବୋଧ ରାଉତ, ଗଣକବି ବୈଷ୍ଣବ ପାଣି କମିଟିର ସମ୍ପାଦକ ସୁକାନ୍ତ ଚନ୍ଦ୍ର ଷଡଙ୍ଗୀ, ଗୀତିକାର ବିଶେଶ୍ୱର ମହାନ୍ତି, କାର୍ଯ୍ୟକ୍ରମ ସଂଯୋଜକ ପନ୍ନଗ ଭୂଷଣ ଦାସ, ନାଟ୍ୟକାର ଅଭୟ ଦାସ, ଶରତ ଚନ୍ଦ୍ର ମୂଳିଆ, ପ୍ରାବନ୍ଧିକ ଡ. କିଶୋର ମହାନ୍ତିଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାହିତ୍ୟିକ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ ।

ସେହିପରି ଗଣକବି ବୈଷ୍ଣବ ପାଣି ଗବେଷଣା ପରିଷଦ ତରଫରୁ ବୁଧବାର ପୂର୍ବାହ୍ନରେ ଖାନ୍‌ନଗରଠାରେ ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଅନୁଷ୍ଠାନର ସଭାପତି ଇଂ. ଆକାଶ ଭୂୟାଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ. ବାବାଜୀ ଚରଣ ପଟ୍ଟନାୟକ, ରବିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କବିଙ୍କର ଅମର ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସତ୍ୟବ୍ରତ ପ୍ରଧାନ, ମିଳନ ବଡୁ, ବିଭୁପ୍ରସନ୍ନ ମହାପାତ୍ର, ସାନ୍ତାୟନ ମିଶ୍ର, ଦୈତାରୀ ବେହେରା, ସାମାଜିକ କର୍ମୀ ବାଙ୍କନିଧି ବେହେରା, ନରସିଂହ ମହାପାତ୍ର, ଭୁବନାନନ୍ଦ ମହାନ୍ତି, ନଳିନୀପ୍ରଭା ନାୟକ, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ଅଭୟ କୁମାର ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଖାନ୍ ନଗରସ୍ଥିତ ପାର୍କରେ ଥିବା ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଜିଲାପାଳ, ମେୟର ଓ ଅନ୍ୟମାନେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୁଣ୍ଟୁଣୀ,୨୪।୧୦(ଡି.ଏନ୍.ଏ.)**

ଆଠଗଡ ବ୍ଲକ ରାଧାକିଶୋରପୁର ପଞ୍ଚାୟତରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ, ସମିତିସଭ୍ୟା ସୌଭାଗ୍ୟବତୀ ନାୟକ, ଶେଷଦେବ ଶତପଥୀ, ନୃସିଂହ ଚରଣ ସାହୁ, ବିନୋଦ ମାଝି, ଆଶୁତୋଷ କର, ନଗେନ୍ଦ୍ର ରାଉତ, ଲଳିତେନ୍ଦୁ ସେନାପତି, ଶୁକଦେବ ବେହେରା, ଉମେଶ ସ୍ୱାଇଁ, ଗଦାଧର ବେହେରା ଓ ବସନ୍ତ ରାଉତଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ। ଏହା ସହ ରାଜ୍ୟ ସରକାରଙ୍କ ବିକାଶମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ସଚେତନ କରାଇଥିଲେ। ପଦଯାତ୍ରା ଖମାର ନୂଆଗାଁ ଗ୍ରାମରୁ ବାହାରି ବେଲଦା, ରାଧାକିଶୋରପୁର ଦେଇ ମତ୍ସ୍ୟପୁର ଗ୍ରାମଠାରେ ଶେଷ ହୋଇଥିଲା ବୋଲି ଯୁବନେତା ବିଧାନ ଚନ୍ଦ୍ର ସ୍ୱାଇଁ କହିଛନ୍ତି।



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ





ବାଲୁଗାଁରେ ଗଜଲକ୍ଷ୍ମୀ ପୂଜା ।



ଖୋର୍ଦ୍ଧାର ଗୋଡା ଗଜଲକ୍ଷ୍ମୀ ।



ଖୋର୍ଦ୍ଧା ମହାଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ନୂଆବସ୍‌ଷ୍ଟାଣ୍ଡ ।



ଖୋର୍ଦ୍ଧା ନିୟୁ ବସଷ୍ଟାଣ୍ଡ ଦିବ୍ୟାସା ମାର୍କେଟ କମ୍ପ୍ଲେକ୍ସ ।



ଖୋର୍ଦ୍ଧା ପ୍ରାଣୀ ଚିକିତ୍ସାଳୟ ନିକଟ ଗଜଲକ୍ଷ୍ମୀ ।



ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଛକ ।



ବେଗୁନିଆରେ ଗଜଲକ୍ଷ୍ମୀ ପୂଜା ।



ବୋଲଗଡରେ ପୂଜା ପାଉଥିବା ଗଜଲକ୍ଷ୍ମୀ ।



ଖୋର୍ଦ୍ଧା ପଲ୍ଲାହାଟ ଆଦର୍ଶ ବ୍ୟବସାୟୀ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ।



ଖୋର୍ଦ୍ଧା ସମବାୟ ବ୍ୟାଙ୍କ ପାଖ ଗଜଲକ୍ଷ୍ମୀ ।

## ସଂକ୍ଷେପରେ

### ଘରୋଇ କଳି, ୨ ମହିଳା ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୨୪।୧୦(ଡି.ଏନ.ଏ.) ଟାଙ୍ଗୀ ଥାନା ଅନ୍ତର୍ଗତ ସାନକୁସୁମି ଗ୍ରାମରେ ଘରୋଇ କଳି ଯୋଗୁ ୨ ମହିଳାଙ୍କୁ ପୋଲିସ ଗିରଫ କରିଛି। ବୁଧବାର ସାମାନ୍ୟ କାରଣରୁ ବଚସା ଓ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଟାଙ୍ଗୀ ଥାନାରେ ଉଭୟଙ୍କ ତରଫରୁ ଲିଖିତ ଅଭିଯୋଗ ପରେ ଏ ନେଇ ଥାନାରେ ୨ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ପୁରୁଷୋତ୍ତମ ପ୍ରଧାନ ଏହି ମାମଲାର ତଦନ୍ତ କରୁଛନ୍ତି। ଅଭିଯୁକ୍ତା ସତ୍ୟଭାମା ବେହେରା ଓ କୁମାରୀ ପତିଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍ ଉଭୟ ପାଇଲେ ସମାନ ପଏଣ୍ଟ

ଖୋର୍ଦ୍ଧା ଅଫିସ,୨୪।୧୦:ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ୍ ଡ୍ର ରହିଛି। ରାଧାଚରଣପୁର ଶବର ସ୍ପୋର୍ଟି ଓ କେରଳର କୌଣସି ର ଜଗାକାଳିଆ ସ୍ପୋର୍ଟି ମଧରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିଥିଲା। କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଉଭୟ ୧ ପଏଣ୍ଟ ଲେଖାଏଁ ପାଇଛନ୍ତି । ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ମନୋରଞ୍ଜନ ଖୁଣ୍ଟିଆ, ସେକ୍ ଅବଦୁଲ ଅହମ୍ମଦ , ଦିଲୀପ କର ସହଯୋଗ କରିଥିଲେ।

### ବିଜେଡ଼ିର ପଦଯାତ୍ରା, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଜଟଣୀ,୨୪।୧୦(ଡି.ଏନ.ଏ.): ଜଟଣୀ ବ୍ଲକର ପଦନପୁର ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନସମ୍ପର୍କ ଯାତ୍ରା ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିଲା। ପଞ୍ଚାୟତ ଅନ୍ତର୍ଗତ ଉପରବସ୍ତ, ପଦନପୁର, ବେଲପଡ଼ା, ଖୋଲାଦ୍ୱାର ଗ୍ରାମରେ ହେବାକୁ ଥିବା ମଣ୍ଡପର ଶୁଭ ଦିଆଯିବା ସହ ନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ପୂର୍ବତନ ବିଧାୟକ ବଳବନ୍ତରାୟ ଓ ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଦଳେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ସୁକାନ୍ତ ପରିଡ଼ା, ବ୍ଲକର ପୂର୍ବତନ ଅଧକ୍ଷ ଦୀପକ ଜେନା, ପୂର୍ବତନ ସରପଞ୍ଚ ଜ୍ଞାନ ବଳିଆରସିଂ, କାଉନ୍‌ସିଲର ବିଜୟ ପଣ୍ଡା ଓ ଅନେକ ବିଜେଡି କର୍ମୀ ସାମିଲ ହୋଇଥିଲେ।

### ଝିଲିମିଲି ଆଲୁଅରେ ଝଲସୁଛି ଖୋର୍ଦ୍ଧା ସହର

# ୩୪ ମଣ୍ଡପରେ ପୂଜା ପାଇଲେ ଗଜଲକ୍ଷ୍ମୀ

**ଖୋର୍ଦ୍ଧା ଅଫିସ,୨୪।୧୦**

ମା' ଗଜଲକ୍ଷ୍ମୀଙ୍କ ଆଗମନରେ ଚଳଚଞ୍ଚଳ ହୋଇ ପଡିଛି ଖୋର୍ଦ୍ଧା ସହର। ସବୁଠି ଚାଲିଛି ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ଆବାହନ। ମନ୍ତ୍ର, ବାଦ୍ୟରେ ପୂଜା ମଣ୍ଡପ ପ୍ରକମ୍ପିତ ହେଉଛି। ଝିଲିମିଲି ଆଲୋକମାଳାରେ ଝଲସି ଉଠୁଛି ଐତିହାସିକ ସହର। ସମବାୟ ବ୍ୟାଙ୍କ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଗଜପତି ଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନବ ନିର୍ମିତ ଡିଭାଇଡରରେ ମଧ୍ୟ ଅନୁରୂପ ଭାବେ ଆଲୋକସଜ୍ଜା ଆକର୍ଷଣ ପାଲଟିଛି। ଚଳିତବର୍ଷ ସହରର ୩୪ଟି ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। କୋର୍ଟ ଛକର ପୂଜା ମଣ୍ଡପରେ ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ସେହିପରି ଖୋର୍ଦ୍ଧା ସହର ଖୋର୍ଦ୍ଧା ବଜାରର ମୁଖ୍ୟରାସ୍ତା, କୋର୍ଟ ଛକ, ନୂଆବସ୍‌ଷ୍ଟାଣ୍ଡ, ମଧୁସୂଦନ ମାର୍ଗ, ଫରେଷ୍ଟ କଲୋନୀ, ସମବାୟ ବ୍ୟାଙ୍କ ଛକ, ଗୁରୁଜଙ୍ଗ, ମ୍ୟୁନିସିପାଲିଟି ରୋଡ, ଠେଙ୍ଗାହାଟ, ଷ୍ଟେଟ ବ୍ୟାଙ୍କ ଛକ ମଣ୍ଡପରେ ତେଲେଙ୍ଗା ସାହି, ପୁରୁଣା ବସଷ୍ଟାଣ୍ଡ, ନୟାଗଡ ରୋଡ, ପୁରୁଣା ମେଡିକାଲ ରୋଡ, ଏନ୍‌ଏସି ମାର୍କେଟ, କାମନା ମନ୍ଦିର ନିକଟ, ଶାଗୁଆନ ବଗିଚା, ଶ୍ରୀରାମନଗର, ନୂଆ ମେଡିକାଲ, ଗଡଖୋର୍ଦ୍ଧା, ଜେଲରୋଡ, ଭାଲିଆବାଡି, ପଲ୍ଲାହାଟ, ତୋଟାପଡା, ପାନବରଜ, ଅରାଙ୍ଗ, ପଲ୍ଲହାଟ ପ୍ରମୁଖ ଅଞ୍ଚଳରେ ୩୪ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ସ୍ୱଳ୍ପ ବଜେଟରେ ରୀତିନୀତିର ସହ ପୂଜା ହେଉଛି। ଶାନ୍ତିଶୃଙ୍ଖଳା ବଜାଇ ରଖିବା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜା ମଣ୍ଡପ ନିକଟରେ ପୋଲିସ ମୁତୟନ କରାଯାଇଛି। ଆସନ୍ତା ୩୧ ତାରିଖରେ ମିଳିତ ଭସାଣି ଅନୁଷ୍ଠିତ ହେବ। ମିଳିତ ଭସାଣି ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜାର ମୁଖ୍ୟ ଆକର୍ଷଣ।

**ହଜିଯାଉଛି କୁମାରପୂର୍ଣ୍ଣିମାର ପରମ୍ପରା**

ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଦ୍ୱାରା ସହର ସଭ୍ୟତା ପରି ପଲ୍ଲୀ ଅଞ୍ଚଳରେ ମଧ୍ୟ କୁମାର ପୂର୍ଣ୍ଣିମା ପର୍ବରେ ଆଧୁନିକତାର ସ୍ପର୍ଶ ଲାଗି ଯାଇଛି। କୁଆଁରପୁନେଇ ଜହ୍ନଗୋ ଫୁଲ ବଉଳବେଣୀ ... ଗୀତ ଆଉ ଆଗଭଳି ଶୁଣିବାକୁ ମିଳୁନି, କି ପୁଚି ଖେଳ ଦେଖାଯାଉନି। ସେଦିନ ଓ ଆଜିର କୁଆଁର ପୁନେଇଁ ମଧରେ ଅନେକ ଫରକ। କୁଆଁରୀ ଝିଅମାନେ ଆଶ୍ୱିନ ମାସ ସାରା ଚଉରା ମୂଳରେ ଜହ୍ନି ଓ କାକୁଡି ଫୁଲରେ ଲିଆ ସହ ମା' ବୃନ୍ଦାବତୀଙ୍କୁ ଭାଇର ଶୁଭ ମନାସୀ ଜହ୍ନ ଓଷା କରିଥାନ୍ତି। ସେହିପରି କୁଆଁରୀଟିଏ ଚାହେଁ ଭବିଷ୍ୟତରେ ତା'ର ହାତ ଧରି ଯିଏ ଜୀବନ ସାଥୀ ହେବ ସେ କନ୍ଦର୍ପ ପରି ସୁନ୍ଦର, କାର୍ତ୍ତିକଙ୍କ ଭଳି ବୀର୍ଯ୍ୟବାନ ଓ କୁବେର ପରି ଧନଶାଳୀ ହୋଇଥିବା ଆବଶ୍ୟକ। ତେବେ ବୁଢ଼ା ବର ନୁହେଁ, ଯୁବକ ବର ସବୁ ଝିଅମାନଙ୍କର ପସନ୍ଦ। ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଦେଶ ଆଗେଇ ଚାଲିଥିଲେ ମଧ୍ୟ ଏଭଳି ଏକ ସାଂସ୍କୃତିକ ଭାବନାର ଭାବଧାରାରୁ ଓଡ଼ିଆ ଯୁବତୀ ନିଜକୁ ଦୂରେଇ ନେଇପାରୁନାହିଁ। କୁମାର ପୂର୍ଣ୍ଣିମା ବାରମାସ ଭିତରେ ଏକ ସ୍ୱତନ୍ତ୍ର କନ୍ୟା ଭିତ୍ତିକ ପର୍ବ। ଏଭଳିସ୍ଥଳେ ହଜିଯାଉଥିବା ପରମ୍ପରାକୁ ବଞ୍ଚାଇ ରଖିବା ଲାଗି କିଛି ସାଂସ୍କୃତିକ ଅନୁଷ୍ଠାନ ହାତକୁ ନେଇଛନ୍ତି ବିଭିନ୍ନ ପଦକ୍ଷେପ। ନୂପୁର ଅନୁଷ୍ଠାନ ପକ୍ଷରୁ ଖୋର୍ଦ୍ଧାରେ ପ୍ରତିବର୍ଷ ଆୟୋଜିତ ହେଉଛି କୁମାର ଉତ୍ସବ। ଏଠାରେ ମେଲୋଡି କାର୍ଯ୍ୟକ୍ରମ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଛି।

## କୁମାର ପୂର୍ଣ୍ଣିମାରେ କୁଆଁରୀ ବିବାହ

**ଯାଁଳା,୨୪।୧୦(ଡି.ଏନ.ଏ.)**

ପୂର୍ବ ପୁରୁଷରୁ ବୋହୂ ଚୋରି ଖେଳ ପରି କୁମାର ପୂର୍ଣ୍ଣିମାରେ କୁଆଁରୀମାନଙ୍କର ବିବାହ ଉତ୍ସବ ପାଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ନମ୍ପୁଟ ପଞ୍ଚାୟତର ସାନମହୁରା ଓ ବଡ଼ମହୁରାରେ ଦିନତମାମ୍ ଚାଲିଥିଲା ବାହାଘର ପ୍ରସ୍ତୁତି। କନ୍ୟାପିତା ବରଯାତ୍ରୀଙ୍କ ସତ୍କାର ପାଇଁ ଭୋଜିଭାତ ପ୍ରସ୍ତୁତିରେ ଲାଗି ପଡିଥିଲେ। ଭୁବନେଶ୍ୱର ଉପକଣ୍ଠ ବଡ଼ମହୁରା ଓ ସାନମହୁରାରେ ଗାଁ ଭଗବତ ଘର ଦାଣ୍ଡରେ ତିଆରି ହୋଇଥିବା ବିବାହ ବେଦୀ ପାଖରେ ବାଜୁଥିଲା ଯୋଡ଼ି ମହୁରୀ ଓ ଢ଼ୋଲ। ବିଧି ମୁତାବକ ବାଡୁଅ ପାଣି ଗାଧୁଆଠାରୁ ଆରମ୍ଭ କରି ଦିଅଁ ମଙ୍ଗୁଳା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠିକଣା ସମୟରେ ହୋଇଥିଲା। ସନ୍ଧ୍ୟା ହେବା ପରେ ଆକାଶରେ ପୁନେଇ ଜହ୍ନ ଉଇଁଲା ଯୁବତୀମାନେ ଚଉରା ନିକଟରେ ଚାନ୍ଦ ଭୋଗ କଲେ। ପରେ ଆରମ୍ଭ ହେଲା ବରାନୁଗମନ, ଗାଁ ମୁଣ୍ଡରୁ ବରଯାତ୍ରୀ ଦଳ ବିରାଟ ପଟୁଆରରେ ବାହାରିଲେ। ଡିଜେ ତାଳରେ ସମସ୍ତେ ନାଚୁଥିଲେ। ବର ଆଗରୁ ଭଗବତ ଘରଠାରେ କନିଆପକ୍ଷ ଲୋକଙ୍କୁ ପାଛୋଟି ଥିଲେ। ଏହାପରେ ବେଦୀରେ ଚାଲିଲା ହୋମଯଜ୍ଞ, କୁନି କନ୍ୟା ଓ କୁନି ବର ଦୁହିଁଙ୍କର ହାତଗଣ୍ଠି ମଧ୍ୟ ପଡ଼ିଲା। ବନ୍ଦାପନା ମଧ୍ୟ ହେଲା। ଗୋଟିଏ ପକ୍ଷେ ବିବାହ କାର୍ଯ୍ୟ ସରିଲା ପରେ ଅନ୍ୟପକ୍ଷେ ଭୋଜିଭାତରେ ଗାଁଲୋକେ ମାତିଥିଲେ।

ଏଥିରେ ବଡ଼ମହୁରାର ଦେବସ୍ମିତା ଜେନା ବରପିତା ଓ ବର ସାଜିଥିଲେ ବିଦୁସ୍ମିତା(୧୧)। କନ୍ୟାପିତା ହୋଇଥିଲେ ସୁଜାତା ପଶ୍ଚିମକବାଟ ଓ କନ୍ୟା ସାଜିଥିଲେ ସୁଚିସ୍ମିତା ୧୦। ସେହିପରି ଏଥିରେ ଯୋଗଦେଇଥିଲେ ପଙ୍କଜ,ଅସିତ୍ , ସନ୍ତୋଷ, ବିନି, ରୋଜି, ସୁଜାତା, ନିତୁ ଇତ୍ୟାଦି ସାମିଲ ହୋଇଥିଲେ। ସେହିଭଳି ସାନମହୁରାର ବର ହେଲେ ରଶ୍ମିତା ମଙ୍ଗରାଜ(୭) ପିତା ହେଲେ ପ୍ରଭାସିନୀ, କନ୍ୟା ହେଲେ ଲିପ୍‌ସା ଭାରିମଲ୍ଲ, କନ୍ୟା ପିତା ହେଲେ ମିଲନ୍। ଏଥିରେ ମିଲି, ମାମାଲି, ଲିପା, ରୋଜି ମିତାଲି, ସୁଜାତା ପ୍ରଭୃତି ସହଯୋଗ କରିଥିଲେ। ବିବାହରେ ପ୍ରଭଞ୍ଜନ ମହାପାତ୍ର ପୁରୋହିତ୍ୱ କାର୍ଯ୍ୟ କରିଥିଲେ। ଏଥିରେ ଉଭୟ ସାନମହୁରା ଓ ବଡ଼ମହୁରାର ଗ୍ରାମବାସୀ ସହଯୋଗ କରିଥିଲେ।



### ମନୁଆ ସାହିତ୍ୟ ସଂସଦ ପକ୍ଷରୁ କବି ସମ୍ମିଳନୀ

# ୬ ପୁସ୍ତକ ଲୋକାର୍ପିତ, ୪ ପ୍ରତିଭା ସମ୍ବର୍ଦ୍ଧିତ

**ବେଗୁନିଆ,୨୪।୧୦(ଡି.ଏନ.ଏ.)**

ପବିତ୍ର କୁମାର ପୂର୍ଣ୍ଣିମା ତିଥି ଅବସରରେ ବୁଧବାର ମନୁଆ ସାହିତ୍ୟ ସଂସଦର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବେଗୁନିଆ ସଦର ମହକୁମାରେ ଥିବା ଦଧିବାବନ ଦେବଙ୍କ ଆମ୍ର କାନନ ପରିସରରେ ଅନୁଷ୍ଠିତ ଉତ୍ସବରେ କବି ସମ୍ମିଳନୀ ଓ ପୁସ୍ତକ ଲୋକାର୍ପିତ ହୋଇଥିଲା। ଆୟୋଜକ ସଂସଦର ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିମାପଡା କଲେଜର ଅବସରପ୍ରାପ୍ତ ପ୍ରାଧାପକ ଡ. ଅବଦୁଲ ଓସିଦ ଖାଁ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ପ୍ରାଧାପକ ଡ. ଗୋପାଳକୃଷ୍ଣ ଦାସ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ ଯୋଗ ଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ କ୍ଷେତ୍ରବାସୀ ମଲ୍ଲିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଜିଲାରୁ ଏଠାକୁ ଆସିଥିବା ପ୍ରାୟ ଶତାଧିକ କବି ଓ କବୟିତ୍ରୀ ନିଜ ନିଜର ବିବୃତି ରଖିବା ସହ କ୍ଷୁଦ୍ର କବିତା ପାଠ କରିଥିଲେ। ଏହି ଅବସରରେ ଅ ଅଞ୍ଚଳର ୪ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପାଲା ଗାୟକ ଅଭୟ ଚରଣ ସ୍ୱାଇଁ, ୨ କବୟିତ୍ରୀ ସୁକାନ୍ତି ମହାନ୍ତି ଓ ଅନସୟା ବେହେରାଙ୍କ ସମେତ ସାମାଜିକ କର୍ମୀ ଡ. ଧୀରେନ୍ଦ୍ର ନନ୍ଦ। ସେହିପରି କବି ରାମଚନ୍ଦ୍ର ସାହୁଙ୍କ ଲିଖନିରୁ ଭାବ ପସରା, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଆମ ଗୌରବ, ଶ୍ରୀନିବାସ ପାଣିଙ୍କ ସାମାଜିକ ନାଟକ ମନୁଆ, ଅନସୂୟା ବେହେରାଙ୍କ ଅନୁଭବ ଗୀତିକା, ରଘୁନାଥ ମହାନ୍ତିଙ୍କ ସାଉଁଟା ପ୍ରତିଭା ଏବଂ ମନୁଆ ସାହିତ୍ୟ ସଂସଦର ମୁଖପତ୍ର ମନୁଆ ଲୋକାର୍ପିତ ହୋଇଥିଲା। ଆୟୋଜକ ସଂସଦର ସଦସ୍ୟ ପରମାନନ୍ଦ ମହାପାତ୍ର, ଡ. ସୋମନାଥ ବିଷୋଇ, ପ୍ରତିମା ପ୍ରଧାନ, ପ୍ରତିମା ଷଡଙ୍ଗୀ, ନବକିଶୋର ବିଷୋଇ, ନିଶିକାନ୍ତ କହଲସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ଶତପଥୀ ଧନ୍ୟବାଦ ଦେଇଥିଲେ।

### ମା' ତାରିଣୀଙ୍କ କାଠିଯାତ୍ରା

**ଖୋର୍ଦ୍ଧା ଅଫିସ,୨୪।୧୦:**

ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅରାଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ କାଠି ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଜେସ୍ଥଳୀ ଧୂଆଁନଳୀଠାରୁ ଗତ ସପ୍ତମୀ ରାତ୍ରିରେ ମା'ଙ୍କୁ ଆବାହନ କରାଯାଇ କାଠିଯାତ୍ରା ଆରମ୍ଭ ହୋଇଥିଲା । କାଠି ଠାକୁରାଣୀ ୧୬ କାଠିଆଙ୍କ ସାହାଯ୍ୟରେ ନୃତ୍ୟ କରି ଯାଇଥାନ୍ତି । ଠାକୁରାଣୀ ଯିବା ସମୟରେ ଗୁହାଳିଆ ଉଠାଇବା ଓ ମୁଦା ପିଟାଇବା କାର୍ଯ୍ୟ ହୋଇଥାଏ।

# ପରିଛଳ ଟି ୨୦ କପ୍ କ୍ରିକେଟ, କୁମାରବସ୍ତ ଚାମ୍ପିୟନ

**ବେଗୁନିଆ,୨୪।୧୦(ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ କ୍ରିକେଟ ଗ୍ରାଉଣ୍ଡରେ ଚାଲୁଥିବା ୨୯ ତମ ପରିଛଳ ଟି ୨୦ କପ୍ କ୍ରିକେଟର ବୁଧବାର ଥିଲା ଅନ୍ତିମ ଦିବସ। କୁମାରବସ୍ତ କ୍ରିକେଟ କ୍ଲବ ୨୭ ରନରେ ଢେଙ୍କାନାଳ ଜିଲାର ମାର୍ଥାପୁର କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ କୁମାରବସ୍ତ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମାନସିଂହ ୪୮ ରନ ଓ ଶୁଭେନ୍ଦୁ ପ୍ରଧାନ ୩୮ ରନ ବ୍ୟକ୍ତିଗତ ସଂଗ୍ରହ କରିଥିଲେ। ଜବାବରେ ମାର୍ଥାପୁର କ୍ଲବ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ ଦଳର ଏସ୍. ରାୟ ୩ ଓଭର ବୋଲିଂ କରି ୨୩ ରନ ଦେଇ ୩ଟି ଉଇକେଟ ଓ ସଞ୍ଜୟ ପାଇକରାୟ ୪ ଓଭର ବୋଲିଂ କରି ୩୩ ରନ ଦେଇ ୩ଟି ଉଇକେଟ ନେଇଥିଲେ। ମ୍ୟାଚକୁ ଦୀନବନ୍ଧୁ ବିଶ୍ୱାଳ ଓ ଅନୁପ ଜେନା ପରିଚାଳନା କରିଥିବା ବେଳେ ଶ୍ରୀନିବାସ ବାରିକ ମ୍ୟାଚ ରେଫରି ଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷରେ ପୁରସ୍କାର ବିତରଣୀ ଉତ୍ସବରେ ପରିଛଳ ୟୁଥ କ୍ଲବର ସଭାପତି ଜିତେନ୍ଦ୍ର ପାହାଡସିଂହ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ସଦସ୍ୟ ବିଜୟ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ମୃତ୍ୟୁଞ୍ଜୟ ମାନସିଂହ ଏବଂ ମାର୍ଥାପୁର ଦଳର ରଜତ ଦାସ ୩ଟି ମ୍ୟାଚ ଖେଳି ୨ଟି ଅର୍ଦ୍ଧଶତକ ସହ ସମୁଦାୟ ୧୫୭ ରନ ବ୍ୟକ୍ତିଗତ ହାସଲ କରିଥିବାରୁ ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ।

# ବରପଦାରେ ପାଇକ ଆଖଡ଼ା ଉତ୍ସବ

**ବେଗୁନିଆ,୨୪।୧୦(ଡି.ଏନ.ଏ.)**

କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ବେଗୁନିଆ ବ୍ଲକ କୁଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ ବରପଦା ଗ୍ରାମଠାରେ ବୁଧବାର ପାଇକ ଆଖଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପଦାର ମା' ବଘେଇ ପାଇକ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଖୋର୍ଦ୍ଧା ଓ ନୟାଗଡ ଜିଲାର ୮ଟି ଆଖଡା ସଂଘ ଅଂଶଗ୍ରହଣ କରିଥିଲେ। ଇତିହାସର ପୃଷ୍ଠଭୂମିକୁ ମନେ ପକାଇ ପ୍ରଥମେ ପାଇକମାନଙ୍କୁ ନେଇ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯୋଦ୍ଧାମାନଙ୍କୁ ନେଇ ଆଖଡା ପ୍ରଦର୍ଶନ କରାଯାଇଥିଲା। ଆୟୋଜକ ପ୍ରତିଷ୍ଠାନର ସଭାପତି ଗୋପୀନାଥ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସରପଞ୍ଚ ମନୋରମା ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଠାକୁ ଆସିଥିବା ଜଟଣୀ, ନୟାଗଡ, ବୋଲଗଡ ଆଦି ବିଭିନ୍ନ ପାଇକ ଆଖଡା ସଙ୍ଗଠନ ପକ୍ଷରୁ ନିଜ ନିଜର ଖେଳ ମୁଦ୍‌ଗର ଚାଳନା, ପଟ୍ଟା ଖେଳ, କୁସ୍ତି ଓ ଘୋଡା ଖେଳ ପ୍ରଦର୍ଶନ କରାଯାଇଥିଲା।



ଆଖଡା ଲାଗି ପାଇକମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ଅକ୍ଟୋବର, ୨୦୧୮



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



### ସଂକ୍ଷେପରେ

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମୁହାଁମୁହିଁ: ଜଣେ ଗୁରୁତର

**ଗୋପ, ୨୪।୧୦(ଡି.ଏନ୍.ଏ.):** ନିମାପଡ଼ା-ନୟାହାଟ ରାସ୍ତାର ଯୋଗେଶ୍ୱରପୁର ଛକ ନିକଟରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ନିମାପଡ଼ାରୁ ଏକ ପିକ୍‌ଅପ୍ ଭ୍ୟାନ୍ ନୟାହାଟ ଯାଉଥିବାବେଳେ ଅପରପାର୍ଶ୍ୱରୁ ନିମାପଡ଼ା ଆସୁଥିବା ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଅଶୋକ ଭୋଇ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରିଥିଲେ। ପିକ୍‌ଅପ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗଡ଼ନ୍ତି ଛକରେ ଭାସିଲା ନଳାପାଣି

### ୨ ଜମାଦାରଙ୍କ ଦରମା ବନ୍ଦ

**ପୁରୀ ଅଫିସ,୨୪।୧୦:** ଶ୍ରୀମନ୍ଦିର ଉତ୍ତର-ପଶ୍ଚିମ କୋଣ ଗଡ଼ନ୍ତି ଛକ ନିକଟରେ ନଳାପାଣି ଭାସିବାରୁ ୨ ଜମାଦାରଙ୍କ ଦରମା ବନ୍ଦ ହୋଇଛି। ଏହି ଦୁଇଜଣ ହେଲେ ରବି ଜେନା ଓ ରମେଶ ସ୍ୱାଇଁ। ବୁଧବାର ଗଡ଼ନ୍ତି ଛକ ନିକଟରେ ଡ୍ରେନ୍ ଜାମ୍ ହୋଇ ପାଣି ରାସ୍ତା ଉପରକୁ ମାଡ଼ିଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଘଟଣାସ୍ଥଳକୁ ଯାଇ ଅନୁଧାନ କରିଥିଲେ। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଉପରୋକ୍ତ ଦୁଇ ଜମାଦାରଙ୍କ ଦରମା ବନ୍ଦ କରାଯାଇଛି।

## ନୀଳାଚଳ ସେବା ପ୍ରତିଷ୍ଠାନ ପରିଦର୍ଶନ କଲେ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀ

**କଣାସ, ୨୪।୧୦(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉଚ୍ଚ ଅଧିକାରୀ ସନ୍ନ୍ୟାସୀ ବେହେରା କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନକୁ ପରିଦର୍ଶନ କରି ଫେରିଯାଇଛନ୍ତି। ଅନୁଷ୍ଠାନ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ ମାନସିକ ଅନଗ୍ରସର ବିଦ୍ୟାଳୟ, ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟ, ଭିନ୍ନକ୍ଷମ ପୂନର୍ବାସ ଥଇଥାନ ତାଲିମ୍ କେନ୍ଦ୍ର, ବାଳାଶ୍ରମ, ଶିଶୁଗୃହମ୍ ସ୍ୱଧାରଗୃହ, ଥେରାପିକେନ୍ଦ୍ର ପରିଦର୍ଶନ କରିଥିଲେ। ଅଧିକାରୀମାନେ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ସମ୍ପର୍କରେ ପଚାରିବାରୁ ନବମ ଓ ଦଶମ ଶ୍ରେଣୀର ବ୍ରେଲିବହି ମିଳୁ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା କହିବା ସହିତ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଶିକ୍ଷା ଓ ଶିକ୍ଷଣ ଉପକରଣ ଦିଆଯାଉ ନ ଥିବା କହିଥିଲେ। ସରକାରୀ ଅନୁଦାନ ବହୁବିଳମ୍ବରେ ବର୍ଷଶେଷରେ ଆସୁଥିବାରୁ ବିଦ୍ୟାଳୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟିହେବା ସହ ଶିକ୍ଷୟତ୍ରୀଶିକ୍ଷକମାନେ ବହୁ କଷ୍ଟରେ ଚଳୁଛନ୍ତି। ଅନୁଷ୍ଠାନର ସମ୍ପାଦକଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବାପରେ ତୁରନ୍ତ କେନ୍ଦ୍ର ଓ ରାଜ୍ୟସରକାଙ୍କୁ ସମସ୍ୟା ସମାଧାନ ପାଇଁ ଅବଗତ କରାଇବେ ବୋଲି ବେହେରା ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହିତ ୟୁନିସେଫ୍‌ର ପରାମର୍ଶଦାତ୍ରୀ ସରିତା ବେହେରା ସମସ୍ତ ବିଭାଗ ବୁଲିଦେଖିଥିଲେ।

# ଡ୍ରେନ୍‌ରେ ପଡ଼ି ନାବାଳକ ମୃତ



ଉତ୍ତ୍ୟକ୍ତ ଲୋକେ ପୁରୀ–କୋଣାର୍କ ଜାତୀୟ ରାଜପଥର ବାଲିଘାଟ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

- ରାଜପଥରେ ମୃତଦେହ ରଖି ରାସ୍ତାରୋକୋ
- ଓଏଚଆରସିରେ ଅଭିଯୋଗ
- ରେଡକ୍ରସ ପାଣ୍ଠିରୁ ସହାୟତା

**ପୁରୀ ଅଫିସ,୨୪।୧୦**

ଡ୍ରେନରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ସଦର ଥାନା ଅଧୀନ ସମଙ୍ଗରାର ଗଣେଶ ନାୟକ(୭)। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ସମଙ୍ଗରା ଛକରେ ଓ ପୁରୀ–କୋଣାର୍କ ଜାତୀୟ ରାଜପଥର ବାଲିଘାଟ ଛକରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିସହିତ ଭୂଦାନ ଛକକୁ ମଧ୍ୟ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

ଖବରପାଇ ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିବା ସହ ଡ୍ରେନ ମରାମତି ଓ ସ୍ଲାବ ପକାଇବା ଲାଗି ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରୁ ବାଲିଘାଟ ଏବଂ ଭୂଦାନ ଛକରେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅନ୍ୟପଟେ ସମ୍ପୃକ୍ତ ଠିକାଦାର, ଡ୍ରେନେଜ ବିଭାଗ, ଜିଲା ପ୍ରଶାସନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମାନବାଧିକାର କର୍ମୀ ଆଇନଜୀବୀ ପ୍ରସନ୍ନ କୁମାର ଦାଶ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ସମଙ୍ଗରା ଗ୍ରାମର ପ୍ରକାଶ ନାୟକଙ୍କ ପୁଅ ଗଣେଶ ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଗଣେଶ ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସକାଳେ ସମଙ୍ଗରା ନୂଆସାହି ଛକ ନାଳରେ ଗଣେଶଙ୍କ ଚପଲ ଭାସୁଥିବା ଦେଖି ପ୍ରକାଶ ଏବଂ ଅନ୍ୟମାନେ ନାଳରେ ପଶି ଖୋଜାଖୋଜି କରିବା ବେଳେ ମୃତଦେହ ପାଇଥିଲେ।

ଉପଜିଲାପାଳ ସାହୁ କହିଲେ, ଡ୍ରେନ ଉପରେ ସ୍ଲାବ ନ ଥିବାରୁ ଏହି ଅଘଟଣ ଘଟିଛି। ଏନେଇ ଜିଲାପାଳଙ୍କ ସହିତ ଆଲୋଚନା କରାଯିବ। ପ୍ରଥମ ପର୍ଯ୍ୟାୟରେ ଡ୍ରେନ ଉପରେ ସ୍ଲାବ ପକାଯିବ, ଏନେଇ ସଂପୃକ୍ତ ଠିକାଦାର ଏବଂ ଡ୍ରେନେଜ ବିଭାଗ ସହିତ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# ହବିଷିଆଳିଙ୍କଠାରୁ ଲୁଟ୍

■ ସାହା ହେଲା ପର୍ଯ୍ୟଟକ ଜରୁରୀ ପାଣ୍ଠି

**ପୁରୀ ଅଫିସ, ୨୪।୧୦**

ନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀ। ଏଠାକୁ ଦେଶ, ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ବେଳେବେଳେ ନିଜର ଅସାବଧାନତା ପାଇଁ କେତେକ ପର୍ଯ୍ୟଟକ ଲୁଟ୍‌ର ଶିକାର ହେବା ପରେ ଅସହାୟ ହୋଇପଡନ୍ତି। ବୁଧବାର ଜଣେ ହବିଷିଆଳିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଛନ୍ତି ଭଦ୍ରକ ଜିଲା ଚରମ୍ପା ବଡ଼ପରସିଙ୍ଗାର ଶାନ୍ତିଲତା ନାୟକ। ହେଲେ ତାଙ୍କ ପାଇଁ ସାହା ହୋଇଛି ପର୍ଯ୍ୟଟକ ଜରୁରୀ ପାଣ୍ଠି। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ତାଙ୍କୁ ଏହି ପାଣ୍ଠିରୁ ୯୦୦ ଟଙ୍କା ପ୍ରଦାନ କରିଛନ୍ତି।

ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଆଶ୍ରୟସ୍ଥଳରେ ରହି କାର୍ତ୍ତିକ ବ୍ରତ ପାଳନ କରିବାକୁ ଆସିଛନ୍ତି ଶାନ୍ତିଲତା। ଟ୍ରେନ୍ ଯୋଗେ ସେ ଆସି ପୁରୀ ଷ୍ଟେଶନରେ ପହଞ୍ଚିଥିଲେ। ହେଲେ ସେଠାରେ ତାଙ୍କ ବ୍ୟାଗ୍, ଆଶ୍ରୟସ୍ଥଳରେ ରହିବା ଲାଗି ଆଣିଥିବା ପରିଚୟପତ୍ର, ଶାଢ଼ି ଏବଂ ୧ ହଜାର ଟଙ୍କା ଲୁଟ୍ ହୋଇଯାଇଥିଲା। ନିରାଶ ମନରେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ସେ ପହଞ୍ଚି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଥିଲେ। ଏହା ଶୁଣିବା ପରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ତାଙ୍କୁ ପର୍ଯ୍ୟଟକ ଜରୁରୀ ପାଣ୍ଠିରୁ ୯୦୦ ଟଙ୍କା ପ୍ରଦାନ କରିଥିଲେ। ଶାନ୍ତିଲତା ଏଥିରେ ଆବଶ୍ୟକ ସାମଗ୍ରୀ କିଣି ଆଶ୍ରୟସ୍ଥଳରେ ରହିଛନ୍ତି।

ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ କହିଛନ୍ତି, ୪ ବର୍ଷ ହେଲା ରାଜ୍ୟ ସରକାର ଏହି ପାଣ୍ଠି ବ୍ୟବସ୍ଥା କରିଛନ୍ତି। ରାଜ୍ୟର କୌଣସି ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କର ଯଦି ଟଙ୍କା, ପଇସା ହଜିଯାଏ କିମ୍ବା ସେ ଲୁଟ୍‌ର ଶିକାର ହେବା ପରେ ପାଖରେ ଖାଇବା ଏବଂ ଘରକୁ ଫେରିବା ପାଇଁ ଅର୍ଥ ନ ଥାଏ ତେବେ ସେ ପ୍ରଥମେ ନିକଟ ଥାନାରେ ଲିଖିତ ଅଭିଯୋଗ କରିଥିବେ। ପରେ ସତ୍ୟାସତ୍ୟ ଜଣାପଡିଲେ ତାଙ୍କୁ ପର୍ଯ୍ୟଟକ ଜରୁରୀ ପାଣ୍ଠିରୁ ସହାୟତା ମିଳିବାର ବ୍ୟବସ୍ଥା ରହିଛି। ୪ ବର୍ଷ ମଧ୍ୟରେ ପ୍ରାୟ ୪୦ ଜଣଙ୍କୁ ସହାୟତା ଦିଆଗଲାଣି ବୋଲି ବୋଲି ସେ କହିଛନ୍ତି।



ନ୍ୟାଶନାଲ ସ୍କୁଲ ଗେମ୍ସ ଆସି ତେ ଡୁ (ଆଖଡା) ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀ।

# ଆସି ତେ ଡୁ ପ୍ରତିଯୋଗିତାରେ ଓଡ଼ିଶାକୁ ୧୧ ପଦକ

**ପୁରୀ ଅଫିସ,୨୪।୧୦**

ସ୍କୁଲ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏସଜିଏଫଆଇ) ଆନୁକୂଲ୍ୟରେ ଅନୁଷ୍ଠିତ ୬୪ତମ ନ୍ୟାଶନାଲ ସ୍କୁଲ ଗେମ୍ସ ଆସି ତେ ଡୁ (ଆଖଡା) ପ୍ରତିଯୋଗିତାରେ ଓଡ଼ିଶାକୁ ୧୧ ପଦକ ମିଳିଛି। ଏଥିରେ ୨ ସ୍ୱର୍ଣ୍ଣ ଏବଂ ୯ ବ୍ରୋଞ୍ଜ ପଦକ ରହିଛି।

ତୁଷାର ରଞ୍ଜନ ସାହୁ ଓ ରାହୁଲ ପଟେଲ ସ୍ୱର୍ଣ୍ଣ ଏବଂ ସତ୍ୟଜିତ ନାୟକ, ଶେଖ ଅକତାର, ବର୍ଷା ପ୍ରିୟଦର୍ଶିନୀ, ଲୋପିତା ମିଶ୍ର, ଅପର୍ଣ୍ଣା ପଣ୍ଡା, ସମୀକ୍ଷା ମହାରଣା, ଉମେଶ ପ୍ରଧାନ, ପ୍ରତ୍ୟୁଷ ରାଉତ, ସୌରଭ ଭୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଆଖଡ଼ାର ଓଡ଼ିଶା ରାଜ୍ୟ ସମ୍ପାଦକ ସବ୍ୟସାଚୀ ରଥ ସୂଚନା ଦେଇଛନ୍ତି। ରାଜସ୍ଥାନର ଢୋଲପୁରଠାରେ ଅକ୍ଟୋବର ୧୯ରୁ ୨୧ ତିନି ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୧୫ଜଣ ଖେଳାଳି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ରେଫରି ଭାବେ ସନ୍ତୋଷ ପାତ୍ର, ନିତୁ ପ୍ରିୟଦର୍ଶିନୀ ଏବଂ ପ୍ରିୟମ୍ବଦା ଜେନା ଯୋଗ ଦେଇଥିଲେ।

ବୁଧବାର ଉତ୍କଳ ଏକ୍ସପ୍ରେସ ଯୋଗେ ଖେଳାଳିମାନେ ପୁରୀରେ ପହଞ୍ଚିଥିଲେ। ଷ୍ଟେଶନ ପରିସରରେ ଜିମ୍ନାଷ୍ଟିକ କୋଚ ପ୍ରଦୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା, ଲକ୍ଷ୍ମୀପ୍ରିୟା ନାଥ, ଧ୍ରୁବଚରଣ ଦାଶ ଏବଂ ପୁରୀ ଜିଲାର ବହୁ କ୍ରୀଡାବିତ୍ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅନାଲୋଚିତ ଐତିହ୍ୟ କବିତାରେ ରୂପ ନେଉ

**ପୁରୀ ଅଫିସ, ୨୪।୧୦**

କୁମାରପୂର୍ଣ୍ଣିମା ଅବସରରେ ବୁଧବାର ପୁରୀ କ୍ଲବରେ ପୁରୀ ଲିଟିରାରୀ କମ୍ୟୁନ୍‌ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି, ଗାଳ୍ପିକ ଓ ପ୍ରାବନ୍ଧିକମାନେ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟରେ ରୂପରେଖ ସମ୍ବନ୍ଧରେ ଭାବ ବିନିମୟ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ପ୍ରଭାକର ରଥ କହିଥିଲେ ଯେ, ସୃଜନ ପ୍ରତିଭାମାନଙ୍କର ଏକ ଭାବ ବିନିମୟ ଅନୁଷ୍ଠାନ ଭାବେ ଏହା ୧୯୮୮ ମସିହାରେ ଆରମ୍ଭ ହୋଇଥିଲା। ଆମ ପାଖରେ ସବୁ ଅଛି, ହେଲେ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ସମନ୍ୱୟର ଅଭାବ ରହିଛି। ସେହି ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ଏହି ଅନୁଷ୍ଠାନ ଗଢ଼ା ଯାଇଥିଲା। ପ୍ରତିଷ୍ଠାତା ସଦସ୍ୟ ଦେବୀ ପ୍ରସନ୍ନ ନନ୍ଦ କହିଥିଲେ, ଜଣେ ଲେଖକଙ୍କୁ ଶ୍ରମିକଙ୍କ ପରି ପରିଶ୍ରମ କରିବାକୁ ପଡିବ। ପରିଶ୍ରମ ନ କଲେ ସେ ଯାହା ଦେଖିବେ ତାହାକୁ ବିଚାର କରି ଛାପିବା ସମ୍ଭବ ହେବ ନାହିଁ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ, ବହୁ ଅନାଲୋଚିତ ଐତିହ୍ୟ ଆମର ଅଣଦେଖା ହୋଇରହିଛି। ତାହାକୁ ଲୋକପ୍ରିୟ କରିବାକୁ ହେଲେ କବିତାକୁ ମାଧ୍ୟମ କରିବାକୁ ହେବ। ଡ. ସିଦ୍ଧେଶ୍ୱର ମହାପାତ୍ର ପୁରୀର ଲୋକଉକ୍ତିର ଆଢୁଆଳରେ କିପରି ଐତିହ୍ୟ ଲୁଚି ରହିଛି, ତାହା ପ୍ରକାଶିତ ହୋଇପାରି ନାହିଁ ବୋଲି କହିଥିଲେ। କବି ଚିନ୍ମୟ ବିବେକ, ଅଜୟ ପ୍ରଧାନ ଓ ଅଧ୍ୟାପକ ପବିତ୍ର ଦାଶ କବିତାର ଅଭିବ୍ୟକ୍ତି ଆଜି କିପରି ଦିଗହରା ଏବଂ ରାଜକୁମାର ମହାନ୍ତି ଓ କବି ରକ୍ଷକ ନାୟକ ଓଡ଼ିଆ ଭାଷା ଓ ସାହିତ୍ୟ କିପରି ଗୁଣାତ୍ମକ ବିକାଶ ହେବ ତା ଉପରେ କହିଥିଲେ।

# ଶ୍ରୀକ୍ଷେତ୍ର ଭକ୍ତ ଓ ପର୍ଯ୍ୟଟକଙ୍କ ମିଳନ କ୍ଷେତ୍ର

■ ଜିଜ୍ଞାସା ଲିଟିଲ୍ ମିସ୍, ସୋହନ ଲିଟିଲ୍ ମାଷ୍ଟର

### କୁମାର ଉତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ, ୨୪।୧୦**




କୁମାର ଉତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

ଉତ୍କଳୀୟ କଳା ଓ ସଂସ୍କୃତି ଉତ୍କର୍ଷ ଲାଭ କରିଛି। ଏହାର ସଂସ୍କୃତି ଆଜି ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟ ସଂସ୍କୃତିର ପ୍ରତୀକ। ତୀର୍ଥ ଓ ପର୍ଯ୍ୟଟନର ଅନନ୍ୟ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଭକ୍ତ ଓ ପର୍ଯ୍ୟଟକଙ୍କ ମିଳନ କ୍ଷେତ୍ର। ବିଶ୍ୱରେ ଏପରି ସ୍ଥାନ ବିରଳ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ଆସୋସିଏଶନ ପକ୍ଷରୁ ଗୋଲ୍ଡେନ ବିଚ୍‌ଠାରେ ବୁଧବାର ଆୟୋଜିତ ଦ୍ୱିଦିବସୀୟ ୩୯ତମ କୁମାର ଉତ୍ସବକୁ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୁରୀ ଏମପି ପିନାକୀ ମିଶ୍ର, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ଭକ୍ତ ଚରଣ ଦାଶ ଓ ଜଗନ୍ନାଥ ବଲ୍ଲଭ ଏଣ୍ଡୋଓମେଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ଭକ୍ତ ଚରଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଜିଜ୍ଞାସା ମିଶ୍ର ଲିଟିଲ୍ ମିସ ଏବଂ ସୋହନ ପଣ୍ଡା ଲିଟିଲ ମାଷ୍ଟର ହୋଇଥିଲେ। ସାହିତ୍ୟିକା ମନ୍ଦାକିନୀ ମହାପାତ୍ର ଏବଂ ଗଣେଶ୍ୱର ମହାପାତ୍ରଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅନୁଷ୍ଠାନ ପକ୍ଷରୁ ରୁପା ଜହ୍ନ ସୁନା ମନ, କୁଆଁର ପୁନେଇ ଜହ୍ନଲୋ ଦର୍ଶକଙ୍କ ମନମୋହିଥିଲା। ପରେ କୃଷ୍ଣମଣି ନୃତ୍ୟକଳା ପରିଷଦର ଗୁରୁ କୃଷ୍ଣ କୁମାର ଦାଶଙ୍କ ସଂଯୋଜନାରେ ନୃତ୍ୟଶିଳ୍ପୀମାନେ ଲିଙ୍ଗାଷ୍ଟକମ୍ ନୃତ୍ୟ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଅମିତ କୁମାର ଚାଟାର୍ଜୀଙ୍କ ସଂଯୋଜନାରେ ଲାବଣୀ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ କମେଡି ଘିଅ ଖିଆ ଡାକ୍ତରଙ୍କ ପରିବେଷଣ ବେଶ୍ ଚିତ୍ତାକର୍ଷକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଗୋଛିକାର, ପ୍ରଦୀପ୍ତ କୁମାର ମିଶ୍ର, ଦୋଳଗୋବିନ୍ଦ ମହାନ୍ତି, ସାଂସ୍କୃତିକ ସମ୍ପାଦକ ଅରୁଣ ଭଟ୍ଟାଚାର୍ଯ୍ୟ, ଅମିତ କୁମାର ଚାଟାର୍ଜୀ, ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, ପ୍ରଶାନ୍ତ କୁମାର ମୁଦୁଲି, ଗୋପୀନାଥ ସ୍ୱାଇଁ, ଐଶ୍ୱର୍ଯ୍ୟା ପାଣ୍ଡେ, କାଜଲ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀଙ୍କୁ ମିଳୁନି: ବାହାରେ ପଡ଼ି ନଷ୍ଟ ହେଉଛି ଔଷଧ ବୋତଲ

**ବ୍ରହ୍ମଗିରି, ୨୪।୧୦(ଡି.ଏନ୍.ଏ.)**

ସରକାର ହସ୍ପିଟାଲକୁ ଆସୁଥିବା ଗରିବ ରୋଗୀମାନଙ୍କ ପାଇଁ ମାଗଣାରେ ଔଷଧ ଯୋଗାଇ ଦେଉଥିବାବେଳେ ଅନେକ ସମୟରେ ରୋଗୀଙ୍କୁ ଏହି ଔଷଧ ଦିଆ ନ ଯାଇ ଏହାର ଅବଧି ସରିଯିବା ପରେ ଏହାକୁ ବାହାରେ ଫିଙ୍ଗି ଦିଆଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମଗିରି ବ୍ଲକର ବଦାଳ ଅଞ୍ଚଳରେ। ଉକ୍ତ ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରେ ଅନେକ ଅବଧି ସରିଯିବା ପରେ ଫିଙ୍ଗା ହୋଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଉକ୍ତ ଗ୍ରାମର ରମେଶ ବାରିକ, ଦୀନବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ କୁହନ୍ତି, ସରକାର ଜନ ହିତ ପାଇଁ ଔଷଧ ମାଗଣାରେ ଦେଉଛନ୍ତି। କିନ୍ତୁ ଏହାର ଦାୟିତ୍ୱରେ ଥିବା ଅଧିକାରୀମାନେ କାହାକୁ ନ ଦେଇ ଏହାକୁ ନଷ୍ଟକରି ଫିଙ୍ଗି ଦେଉଛନ୍ତି। ଏନେଇ ତଦନ୍ତ କରାଯିବାକୁ ଦୃଢ଼ ଦାବି କରିଛନ୍ତି। ଏ ନେଇ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀହର୍ଷ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଉକ୍ତ ଗାଁ ଆମ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଯାଉଛି କି ନା ମୁଁ ଜାଣିନି। ସେ ସମ୍ପର୍କରେ ଅନୁଧ୍ୟାନ କରିବା ସହ ତଦନ୍ତ କରିବି।

# ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ସାକ୍ଷୀଗୋପାଳ, ୨୪।୧୦(ଡି.ଏନ୍.ଏ.)**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ବନବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ମୃତି ଉତ୍ସବ ସତ୍ୟବାଦୀ ବକୁଳବନରେ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୋପବନ୍ଧୁଙ୍କ ସହିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ, ଫୁଲ, ଚନ୍ଦନ ଦେଇ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିଥିଲେ। ବକୁଳବନ ସଫେଇ ସାଙ୍ଗକୁ ସାକ୍ଷୀଗୋପାଳଙ୍କ ନିକଟରୁ ଆଜ୍ଞାମାଳ ଓ ପ୍ରଦୀପ ପ୍ରଜ୍ୱଳନ କରି ସଂକୀର୍ତ୍ତନ ଶୋଭାଯାତ୍ରା ବକୁଳବନ ଓ ସମାଧିପୀଠ ପରିକ୍ରମା କରିଥିଲା। ତତ୍କାଳୀନ ଓଡ଼ିଶାରେ ଶିକ୍ଷା, ସଂସ୍କାର ଓ ସେବା ଦିଗରେ ଛାତ୍ର ମାନଙ୍କୁ ବନ ବିଦ୍ୟାଳୟରେ ଶିକ୍ଷା ଦିଆଯାଇ ଭଲ ମଣିଷ ଭାବରେ ଗଢ଼ାଯାଉଥିଲା। ଯେଉଁଥିପାଇଁ ସତ୍ୟବାଦୀ ବନ ବିଦ୍ୟାଳୟ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପରିଣତ ହେବାକୁ ଯାଉଛି ବୋଲି ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ, ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହର ସ୍ୱର୍ଗତ ପଣ୍ଡିତ ହରିହର ଦାଶ ଶର୍ମାଙ୍କ ପ୍ରେରଣାରେ ୧୯୦୯ ମସିହାରେ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ନିକଟ ଭାର୍ଗବୀ ନଦୀ କୂଳର ଜାଗେଶ୍ୱରୀ ମନ୍ଦିର ବେଢ଼ାରେ କୁମାର ପୂର୍ଣ୍ଣମୀ ରାତିରେ ବନ ବିଦ୍ୟାଳୟର ପରିକଳ୍ପନା କରି ଏହାକୁ ଜାତୀୟ ବନ ବିଦ୍ୟାଳୟରେ ପରିଣତ କରିଥିଲେ ବୋଲି ଶିକ୍ଷକ ସତ୍ୟବାଦୀ ଦାସ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟା ଜୟଶ୍ରୀ ମହାପାତ୍ର, ଆଡଭୋକେଟ ଗୁଣ୍ଡିଚା ବରାଳ, ବୈଦ୍ୟନାଥ ପାଣି, ଶୁଶାନ୍ତ ରଥ, ଅବସର ପ୍ରାପ୍ତ ଶିକ୍ଷକ ବନମାଳୀ ବେହେରା, ପ୍ରଭାତ ଚନ୍ଦ୍ର ରଥ, ସମାଜିକ କର୍ମୀ ରାମ ଶଙ୍କର ନନ୍ଦ, ଚନ୍ଦ୍ର ଶେଖର ମିଶ୍ର, ଜ୍ୟୋତି ଶଙ୍କର ଖୁଣ୍ଟିଆ, ରୁବିନା ସାହୁ, ନବଘନ ଶତପଥି, ନିରଞ୍ଜନ ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର ଓ ବ୍ରଜବନ୍ଧୁ ମହାରଣା ପ୍ରମୁଖ ସ୍ମୃତି ଚାରଣ କରିଥିଲେ।




ବିଶ୍ୱ ପୋଲିଓମୁକ୍ତି ଦିବସ ପାଳନ ଅବସରରେ ବୁଧବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକାକଳା।

■ ଶ୍ରୀକ୍ଷେତ୍ରରେ ମା' ଗଜଲକ୍ଷ୍ମୀଙ୍କୁ ଆରାଧନା

# ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ

**ପୁରୀ ଅଫିସ,୨୪।୧୦**



ଅବକାରୀ ଅଫିସ୍ ନିକଟରେ ପୂଜା ପାଇଥିବା ମା' ଗଜଲକ୍ଷ୍ମୀ।



ତ୍ରିଶକ୍ତି କ୍ଲବ୍ ତେଲିପଡ଼ିଆ ସ୍ୱର୍ଗଦ୍ୱାର ରୋଡ୍‌ରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି।

ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ମା'ଙ୍କ ମେଲାଣି ପରେ ବୁଧବାରଠାରୁ ଆରମ୍ଭ ହୋଇଛି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା। ସୁଖଶାନ୍ତି ଏବଂ ଧନଧାନ୍ୟ ସମୃଦ୍ଧି ଲାଗି ସମସ୍ତେ ମା'ଙ୍କୁ ଆରାଧନା କରିଛନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ପୂଜା ମଣ୍ଡପରେ ଆୟୋଜିତ ହୋଇଛି ମା' ଧନଦାତ୍ରୀଙ୍କ ପୂଜା। ପ୍ରମୁଖ ପୂଜାମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

ପୁରୀ ଷ୍ଟେଶନ ଅଟୋ ଚାଳକ ସଂଘ ପକ୍ଷରୁ ବେଶ ଆଡ଼ମ୍ବରରେ ପୂଜା ଅନୁଷ୍ଠିତ ହେଉଛି। ଏଠାରେ ୭ ଦିନ ଧରି ପୂଜା ଚାଲିବ। ଆସନ୍ତା ୨୮ ତାରିଖରେ ସଂଘର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ୨୭ ତାରିଖରେ ବାଳଗୋପାଳ ଭୋଗ ବଣ୍ଟନ ଓ ସନ୍ଧ୍ୟାରେ ସୁନ୍ଦରାକାଣ୍ଡ ପରିବେଷଣ କରାଯିବ। ୨୮ ତାରିଖ ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ୩୦ ତାରିଖରେ ମା'ଙ୍କୁ ବିସର୍ଜନ କରାଯିବ। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ସାଇ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୭ ଦିନ ପୂଜା ଅନୁଷ୍ଠିତ ହୋଇ ୩୦ ତାରିଖରେ ବିସର୍ଜନ ପର୍ବ ରହିଛି। ବାଲିସାହି ତ୍ରିଶକ୍ତି କ୍ଲବ ପକ୍ଷରୁ ମା'ଙ୍କ ପୂଜା ଧୁମ୍‌ଧାମରେ କରାଯାଉଛି। ଚଳିତବର୍ଷ କ୍ଲବର ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ରହିବ। ୩୦ ତାରିଖରେ ଭଜନ ସନ୍ଧ୍ୟା, ୩୧ରେ ସଙ୍ଗୀତ ବିଚିତ୍ରା ଏବଂ ଡ୍ୟାନ୍ସ ଆଣ୍ଡ ଡ୍ୟାନ୍ସ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ଆଶୁତୋଷ, ଶଶାଙ୍କ ଶେଖର, ପ୍ରଜ୍ଞା ପ୍ରସ୍ମିତା ହୋତା, ରୋଜାଲିନ ଏବଂ ତିଳକ ଚକ୍ରବର୍ତ୍ତୀ ସଙ୍ଗୀତ ବିଚିତ୍ରାର ଆକର୍ଷଣ ସାଜିବେ। ନଭେମ୍ବର ୧ରେ ଅସୀମା ପଣ୍ଡା ଏବଂ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। କ୍ଲବ ପକ୍ଷରୁ ନଭେମ୍ବର ୩ରେ ମା'ଙ୍କର ଭସାଣି ଯାତ୍ରା ଅନୁଷ୍ଠିତ ହେବ। ଗୁଣ୍ଡିଚା ମନ୍ଦିର ନିକଟ ସାଇ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୭ ଦିନ ଧରି ଷୋଡ଼ଶ ଉପଚାରରେ ମା'ଙ୍କୁ ପୂଜା କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହେବ।

ସେହିପରି ସହରର ବଡ଼ଶଙ୍ଖ ଗଜଲକ୍ଷ୍ମୀ ପୂଜା କମିଟି, ବଳିଆ ପଣ୍ଡା ମୈତ୍ରୀବିହାରସ୍ଥିତ କମଳ ୟୁଥ୍ ଆସୋସିଏଶନ, ଦର୍ଜି ପୋଖରୀ ଛକ ଗଜଲକ୍ଷ୍ମୀ ପୂଜା କମିଟି, ବଳଗଣ୍ଡି ଛକ ପୂଜା କମିଟି, ମାଉସୀ ମା' ମନ୍ଦିର ନିକଟରେ ଥ୍ରିଷ୍ଟାର କ୍ଲବ ପକ୍ଷରୁ ମଧ୍ୟ ଧୁମ୍‌ଧାମରେ ମା' ଧନଦାତ୍ରୀଙ୍କ ପୂଜା କରାଯାଉଛି। ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି ପୂଜାମଣ୍ଡପ। କେତେକ ଜାଗାରେ ଆକର୍ଷଣୀୟ ତୋରଣ ମଧ୍ୟ ତିଆରି କରାଯାଇଛି। ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ବୁଧବାର ଶ୍ରୀମନ୍ଦିର ପରିସର ମହାଲକ୍ଷ୍ମୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗଜଲକ୍ଷ୍ମୀ ପୂଜା ପାଇଁ ଲକ୍ଷ୍ମୀ ମନ୍ଦିରକୁ ସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମହାଲକ୍ଷ୍ମୀଙ୍କୁ ନୂତନ ବସ୍ତ୍ର ଲାଗି କରାଇଥିଲେ।